ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 32 | 6 - 12 August 2023 | Sambalpur | Page- 8 | Invitation Price Rs.10

# ବିହଙ୍ଗମ ଯୋଗ ସଂସ୍ଥାର ସଂକଳ୍ପ ଯାତ୍ରାକୁ ସମ୍ବଲପୁରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା











ସମ୍ବଲପୁର : ବିହଙ୍ଗମ ଯୋଗ ସନ୍ଥ ସମାଜର ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ଡିସେମ୍ବର ୧୭ ଓ ୧୮ ତାରିଖ ଦିନ ବାରାଣାସୀର ଉମରହାଁ ସ୍ୱର୍ବେଦ ମହାମନ୍ଦିର ଧାମରେ ପାଳିତ ହେବାକୁ ଥିବା 'ଶତାବ୍ଦୀ ସମାରୋହ ମହୋତ୍ସବ' ପାଇଁ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବାହାରିଥିବା ସଂକଳ୍ପ ଯାତ୍ରା ଏଠାରେ ପହଞ୍ଚିବା ପରେ ଯାତ୍ରାକୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା

## 'ସ୍ୱର୍ବେଦ' ଗ୍ରନ୍ଥର ଓଡିଆ ସଂସ୍କରଣ ଉନ୍ମୋଚିତ

ଦିଆଯାଇଥିଲା । ଏକ ଶୋଭାଯାତ୍ରାରେ ଡକ୍ଟର ରାଧାନାଥ ରଥ କମ୍ୟୁନିଟି ସେଣ୍ଟରକୁ ପାଛୋଟି ନିଆଯାଇଥିଲା । ସେଠାରେ ସନ୍ଥ ପ୍ରବର ଶ୍ରୀ ବିଜ୍ଞାନ ଦେବଜୀ ମହାରାଜ ସଙ୍ଗୀତମୟ ଜୟ ସ୍ୱର୍ବେଦ କଥା ପରିବେଷଣ କରିଥିଲେ । ଏଥିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ବିହଙ୍ଗମ ଯୋଗ ସଂସ୍ଥାର ପ୍ରଧାନ ସଦ୍‌ଗ୍ରନ୍ଥ 'ସ୍ୱର୍ବେଦ'ର ଓଡିଆ ସଂସ୍କରଣ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପଦ୍ମଶ୍ରୀ ସମ୍ମାନାଳଙ୍କୃତ ବିଶ୍ୱ ପ୍ରସିଦ୍ଧ 'ରଙ୍ଗବତୀ' ଗୀତର ରଚୟିତା ମିତ୍ରଭାନୁ ଗୌନ୍ତିଆ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗରାଜୁ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି



ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଆବାହକ ସଞ୍ଜୟ ପଣ୍ଡା ଓ ଅନାମିକା ପଣ୍ଡା ସଂସ୍ଥାର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ 'ସ୍ୱର୍ବେଦ' ଗ୍ରନ୍ଥକୁ ଓଡିଆ ଭାଷାରେ ଅନୁବାଦ କରିଥିବା କ୍ଷେତ୍ରମଣୀ ବିଭାର ଓ ଅକ୍ଷର ସଜ୍ଜା କରିଥିବା ସୁନୀତା ପଣ୍ଡାଙ୍କୁ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯାଇଥିଲା । ନୃତ୍ୟ ନିର୍ଦ୍ଦେଶକ ଶ୍ରୀ ପିଣ୍ଟୁ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଏହି ଉତ୍ସବରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ସମ୍ବଲପୁର ପୌର ପରିଷଦର ପୂର୍ବତନ ନଗରପାଳ ଗିରିଶ ପଟେଲ, ଶିକ୍ଷାବିତ ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ସେବକ ତ୍ରିପାଠୀ, ଅରବିନ୍ଦ ମହାପାତ୍ର, ରାଜେନ୍ଦ୍ର କୁମାର ପଣ୍ଡା, ଆଇଆଇଏମ୍‌ର ସହକାରୀ ପ୍ରଫେସର ସୁଜିତ ପୃଷେଠ, ଆଇନଜୀବୀ ଦୀନଦୟାଲ ଅଗ୍ରୱାଲ, ଡାକ୍ତର ସୁଧାଂଶୁ ଶେଖର ପଣ୍ଡା, ଡାକ୍ତର ସଂଯୁକ୍ତା ପଣ୍ଡା, ଧମାର ଝାଡେଶ୍ୱରୀ କଲେଜର ଅଧକ୍ଷ ଅଶୋକ ହୋତା, ସମାଜସେବୀ ଉଦ୍ଧବ ମହାପାତ୍ର, ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂପାଦକ ସଂଘର ସଭାପତି ରବି ରଥ, ସରୋଜ ମହାପାତ୍ର, ଜଗବନ୍ଧୁ ବେହେରାଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।




## ଏ ସଂଖ୍ୟାରେ..


ବହୁ ଉପକାରୀ କଞ୍ଚା ଅମୃତଭଣ୍ଡା


ସ୍ୱାସ୍ଥ୍ୟୋପକାରୀ କ୍ଷୀର


ଉଚ୍ଚରକ୍ତଚାପ ନିୟନ୍ତ୍ରଣ ରଖୁଥିବା ଡାଏଟ୍


କିଡ଼ନୀ ଷ୍ଟୋନକୁ ଦୂର କରେ କମଳା


ସ୍ୱାସ୍ଥ୍ୟ ପାଇଁ ଭଲ ପାଳଙ୍ଗ ଜୁସ୍


ଗୁଆଁରର ଉପକାରିତା

# ଓଡ଼ିଶାରେ ବିଜେପିର ନୂଆ ଟିମ୍ : କଳାହାଣ୍ଡିରୁ ଟିମ୍‌ରେ କେହି ନାହାନ୍ତି

ଭୁବନେଶ୍ୱର: ଓଡ଼ିଶା ବିଜେପିର ନୂଆ ଟିମ୍ ଘୋଷଣା କରାଯାଇଛି । ସଭାପତି ମନମୋହନ ସାମଲଙ୍କ ଅନୁମୋଦନରେ ୨୯ ଜଣିଆ ରାଜ୍ୟ ପଦାଧାକାରୀ ତାଲିକା ସହ ବିଭିନ୍ନ ମୋର୍ଚ୍ଚାର ସଭାପତିଙ୍କ ନାମ ଘୋଷଣା ହୋଇଛି ।

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଉପସଭାପତି ହୋଇଛନ୍ତି । ଭୃଗୁ ବକ୍ସିପାତ୍ର, ପୃଥୀରାଜ ହରିଚନ୍ଦନ ଓ କାଳନ୍ଦି ସାମଲ ରାଜ୍ୟ ପଦାଧିକାରୀ ତାଲିକାରୁ ବାଦ ପଡିଛନ୍ତି ।

ଉପସଭାପତି ଭାବରେ ପୂର୍ବତନ ବିଧାୟକ ରବିନାରାୟଣ ନାୟକ, ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହପାତ୍ର, ଗୋଲଖି ପ୍ରସାଦ ମହାପାତ୍ର, ଲେଖାଶ୍ରୀ ସାମନ୍ତ ସିଂହାର, ସୁକେସି ଓରାମ ଏବଂ ବିରଞ୍ଚି ନାରାୟଣ ତ୍ରିପାଠୀ ନିଯୁକ୍ତି ପାଇଛନ୍ତି । ସାଧାରଣ ସଂପାଦକ ଭାବେ ସାରଦା ପ୍ରସାଦ ଶତପଥୀ, ଡ଼. ଜତିନ ମହାନ୍ତି, ପୂର୍ଣ୍ଣିମା କେର୍କେଟା, ସୀମାଞ୍ଚଳ ଖଟେଇ ଓ ମାନସ କୁମାର ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି ।

ଦଳର ରାଜ୍ୟ ସଂପାଦକ ଭାବେ ନବରଙ୍ଗପୁରର ରମେଶ ଚନ୍ଦ୍ର ସାହୁ, ସୁନ୍ଦରଗଡର ଟଙ୍କଧର ତ୍ରିପାଠୀ, ରାଇରଙ୍ଗପୁରର ନବୀନ ରାମ, ବାଲେଶ୍ୱରର ଶିପ୍ରା ବାଜପେୟୀ, ଭଦ୍ରକର ଅଭିମନ୍ୟୁ ସେଠୀ, କଟକ ସଦରର ସରୋଜ କୁମାର କର, ବାରିପଦାର ଡଃ. କୃଷ୍ଣଚନ୍ଦ୍ର ମହାପାତ୍ର, ଭୁବନେଶ୍ୱରର କସ୍ତୁରି ମିଶ୍ର, କୋରାପୁଟର ପୁର୍ଣ୍ଣିମା ନାୟକ, ବରଗଡର ଇରାସିସ ଆଚାର୍ଯ୍ୟ ମନୋନୀତ ହୋଇଛନ୍ତି ।

କୋଷାଧକ୍ଷ ଭାବେ ସୁଦର୍ଶନ ଗୋଏଲ ଏବଂ ସହ କୋଷାଧକ୍ଷ ଭାବେ ଦିବାକର ହରିଚନ୍ଦନଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ କାର୍ଯ୍ୟାଳୟ ସଂପାଦକ ଭାବେ ଦେବେନ୍ଦ୍ର କୁମାର ନନ୍ଦ ଏବଂ ସୋସିଆଲ ମିଡିଆ ଇନଚାର୍ଜ ଭାବେ ଉମାକାନ୍ତ ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି ।

ବିଜେପି ଯୁବମୋର୍ଚ୍ଚାର ସଭାପତି ଭାବେ ନୟାଗଡର ଅଭିଳାଷ ପଣ୍ଡା, ମହିଳା ମୋର୍ଚ୍ଚାର ସଭାନେତ୍ରୀ ଭାବେ ଯାଜପୁରର ଡ଼ ଐଶ୍ୱର୍ଯ୍ୟା ବିଶ୍ୱାଳ, କିଶାନ ମୋର୍ଚ୍ଚାର ସଭାପତି ଭାବେ କେନ୍ଦୁଝରର ମହେଶ୍ୱର ସାହୁ, ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ ଉମରକୋର୍ଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଭାବେ ଡକ୍ଟର ବିଭୁ ପ୍ରସାଦ ତରାଇ, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳଙ୍କୁ ନିଯୁକ୍ତି ଦିଆଯାଇଛି ।

କିନ୍ତୁ ଏହି ତାଲିକାରେ କଳାହାଣ୍ଡି ଜିଲାର ଜଣେ ମଧ ନେତାଙ୍କୁ ସ୍ଥାନ ମିଳିନାହିଁ । କେହି ଜଣେ ମଧ ନେତାଙ୍କ ନାଁ ନ ରହିବା ଜିଲା ବିଜେପି କର୍ମକର୍ତ୍ତାଙ୍କୁ କ୍ଷୁବ୍ଧ କରିଛି । ପୂର୍ବରୁ ବିଜେପି ରାଜ୍ୟ କମିଟିରେ କଳାହାଣ୍ଡିର ନେତୃବର୍ଗ ନିଶ୍ଚୟ ସ୍ଥାନ ପାଉଥିଲେ । ନିକଟ ଅତୀତରେ ଦଳର ବରିଷ୍ଠ ନେତା ଆର୍ତ୍ତତ୍ରାଣ ମହାପାତ୍ରଙ୍କୁ ରାଜ୍ୟ କମିଟି ସମ୍ପାଦକ ପଦ ମିଳିଛି । ନମିତା ରାଣୀ ସାହୁ ରାଜ୍ୟ ଉପସଭାପତି ଥିଲେ । ସଦ୍ୟ କାର୍ଯ୍ୟକାଳ ସରିଥିବା ରାଜ୍ୟ କମିଟିରେ ଶର୍ମିଷ୍ଠା ମେହେର ସମ୍ପାଦକ ଥିଲେ । ଦଳର ବରିଷ୍ଠ ନେତା ହିମାଂଶୁ ମେହେର, ଭବେନ୍ଦ୍ର ପଣ୍ଡା, ମନୋଜ ମେହେର ଓ ରମେଶ ମାଝି ରାଜ୍ୟ କାର୍ଯ୍ୟକାରିଣୀରେ ସ୍ଥାନ ପାଇଥିଲେ । ଅଥଚ ମନମୋହନ ସାମଲଙ୍କ ଟିମରେ କଳାହାଣ୍ଡି ବାଦ ପଡ଼ିଛି ।

ଦଶନ୍ଧି ଦଶନ୍ଧି ଧରି ବିଜେପିର ଗଡ଼ ଭାବେ ପରିଚିତ କଳାହାଣ୍ଡିରୁ ଏହା ପୂର୍ବରୁ ବିକ୍ରମ କେଶରୀ ଦେଓ ଅନେକ ଥର ବିଧାନସଭା ଓ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ପ୍ରଦୀପ୍ତ କୁମାର ନାଏକ ଏକାଧିକ ଥର ବିଜେପି ଟିକଟରେ ଭବାନୀପାଟଣାରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ହିମାଂଶୁ ଶେଖର ମେହେର ନିର୍ବାଚିତ ହେଇ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିଲେ । ୨୦୧୯ ସାଧାରଣ ନିର୍ବାଚନରେ ପ୍ରଦୀପ୍ତ ପୁଣି ଥରେ ଭବାନୀପାଟଣାରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ବସନ୍ତ ପଣ୍ଡା କଳାହାଣ୍ଡି ଲୋକସଭା ଆସନ ଜିତିଛନ୍ତି । ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀମାନେ କଡ଼ା ଟକ୍କର ଦେଇଥିଲେ । ଗତ ପୌର ନିର୍ବାଚନରେ ବିଜେପି ଜିଲାର ଦୁଇଟି ପୌରାଧକ୍ଷ ଆସନ ଅକ୍ତିଆର କରିଛି । ବିଜେଡିର ଦବଦବା ସତ୍ତ୍ୱେ ୩୬ଟି ଜିଲା ପରିଷଦ ଆସନ ମଧରୁ ବିଜେପି ୩୩ ଜିଲା ପରିଷଦ ଆସନ ଅକ୍ତିଆର କରି ସମଗ୍ର ରାଜ୍ୟର ଦୃଷ୍ଟି ଆକର୍ଷଣ କରିଥିଲା । ତେବେ ଗତ ନିର୍ବାଚନରେ ପରିଚାଳନାଗତ ତ୍ରୁଟି ଓ ସମନ୍ୱୟ ଅଭାବରୁ ବିଜେପିର ମାତ୍ର ୨ ଜଣ ଜିଲା ପରିଷଦ ସଦସ୍ୟ ନିର୍ବାଚିତ ହେଇଛନ୍ତି । ଜିଲାରେ ରାଜନୈତିକ ପ୍ରତିଭାର ଅଭାବ ନ ଥିବା ବେଳେ କଳାହାଣ୍ଡିଆ ନେତାଙ୍କୁ ରାଜ୍ୟ କମିଟିରେ ଅଣଦେଖା କରାଯିବା କର୍ମୀଙ୍କୁ ନିରାଶ କରିଛି । ସାଙ୍ଗଠାନିକ ଦାୟିତ୍ୱ ଦିଆନ ଗଲେ ଆଗାମୀ ନିର୍ବାଚନରେ କିଏ କିପରି ନିର୍ବାଚନ ପରିଚାଳନା କରିବ କର୍ମୀ ମହଲରେ ଏହା ଏବେ ସବୁଠାରୁ ବଡ଼ ପ୍ରଶ୍ନ । ସେହିପରି ନୂଆ ଟିମ୍‌ରେ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ମଧ ଉପଯୁକ୍ତ ପ୍ରତିନିଧିତ୍ୱ ମିଳି ନ ଥିବା ଜଣାପଡିଛି ।

# ଭିସୁଟ୍‌ରେ କୁଳପତି ଏବଂ ଅଧ୍ୟକ୍ଷ ସମ୍ମିଳନୀ

ବୁର୍ଲା : ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦାଳୟ(ଭିସୁଟ) ଆନୁକୁଲ୍ୟରେ ବୈଷୟିକ ଶିକ୍ଷାରେ ଉତ୍କର୍ଷ ହାସଲ-୨୦୩୦ ବିଷୟ ଉପରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ସମସ୍ତ ବିଶ୍ୱବିଦ୍ୟାଳୟ ମଧରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଉତ୍ତମ ସହଭାଗିତା ଏବଂ ଏକାଡେମିକ୍ ବ୍ୟାଙ୍କ ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଛି ।



ଏହି ସମ୍ମିଳନୀକୁ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଉଦଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଲେ ଯେ, ସହଭାଗିତା, ଗୁଣାତ୍ମକ ମାନ ପ୍ରଭୃତି ଗ୍ରହଣ କରାଗଲେ ଏବଂ ଶ୍ରେଷ୍ଠରୁ ଶେଷ୍ଠତମ ଦକ୍ଷତା ଆଧାରିତ ଉଦ୍ୟମ ଦ୍ୱାରା ଲକ୍ଷ୍ୟ ହାସଲ ସମ୍ଭବ । ବିଶ୍ୱବିଦ୍ୟାଳୟ ଏବଂ ବୈଷୟିକ ମହାବିଦ୍ୟାଳୟ ମାନଙ୍କ ପକ୍ଷରୁ ଆଗାମୀ ୫ ବର୍ଷରେ ରୂପାନ୍ତରଣ ପାଇଁ ଆଭିମୁଖ୍ୟ ସ୍ଥିର କରାଯିବା ଉପରେ ସେ ଜୋର ଦେଇଥିଲେ । ମୂଲ୍ୟଭିତ୍ତିକ ସଂସ୍କୃତିର ବିକାଶ ହେବା ଉପରେ ଶ୍ରୀମତୀ ପାଢ଼ୀ କହିଥିଲେ ।

ଭିସୁଟର କୁଳପତି ପ୍ରଫେସର ବଂଶୀଧର ମାଝୀ ତାଙ୍କ ବକ୍ତବ୍ୟରେ କହିଲେ ଯେ, ବିକାଶ ପାଇଁ ବୈଷୟିକ ଶିକ୍ଷା ମୁଖ୍ୟ ସ୍ତମ୍ଭ ଅଟେ । ଏହାର ପ୍ରଚ୍ଛଦରେ ଶିକ୍ଷକ ମାନଙ୍କ ଭୂମିକା ବିଶେଷ ଗୁରୁତ୍ୱ ବହନ କରୁଛି ବୋଲି ସେ ପ୍ରକାଶ କରିଛନ୍ତି । ଭିସୁଟ ଉତ୍କର୍ଷ ହାସଲ ପାଇଁ ନେଇଥିବା ପଦକ୍ଷେପକୁ ଅନ୍ୟ ସଂସ୍ଥାମାନେ ବି ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ଓୟୁଟିଆର କୁଳପତି ପ୍ରଫେସର ବିଭୁତି ଭୁଷଣ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଉଚ୍ଚ ଗୁଣମାନର ଶିକ୍ଷା ପରିବେଶ ପାଇଁ ବୈଷୟିକ ଶିକ୍ଷା ପାଠ୍ୟକ୍ରମ ଏବଂ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବାର ସମୟ ଆସିଛି । ଏଥରେ ନିରନ୍ତରତା ବଜାୟ ରହିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି । ବିପିୟୁଟିର କୁଳପତି ପ୍ରଫେସର ଅମୀୟ ରଥ ବୈଷୟିକ ଏବଂ ଉପଲବ୍ଧ ଆଧାରିତ ପଦ୍ଧତି ଉପରେ ଜୋର ଦେଇଥିଲେ । ସମ୍ମିଳନୀରେ ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି, ମହାବିଦ୍ୟାଳୟର ଅଧକ୍ଷ ଏବଂ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞ ମାନେ ଯୋଗଦାନ କରିଥିଲେ । ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କୁ ନେଇ ଏକାଡେମିକ ବ୍ୟାଙ୍କ ପ୍ରତିଷ୍ଠା, ସାର୍ବଜନୀନ ପାଠ୍ୟକ୍ରମ ଏବଂ କନସଲଟମ୍ ଗଠନ ଉପରେ ମତପ୍ରକାଶ ପାଇଥିଲା । ଭିସୁଟର ପ୍ରଫେସର ଅମରନାଥ ନାୟକ, ପ୍ରଫେସର ଦେବଦତ୍ତ ମିଶ୍ର, ପ୍ରଫେସର ଚିତ୍ତରଞ୍ଜନ ମହାନ୍ତି, ପ୍ରଫେସର ଗଣେଶ୍ୱର ନାଥ, ପ୍ରଫେସର ସଞ୍ଜୟ କୁମାର ପାତ୍ର, ପ୍ରଫେସର ଶରତ କୁମାର ସ୍ୱାଇଁ, ପ୍ରଫେସର ଦେବବ୍ରତ ଧୂପାଲ, ଭାରତୀ ମହାପାତ୍ର ଉପସ୍ଥିତ ରହିଥିଲେ ।

# ଭିସୁଟରେ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁର୍ଲା : ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗର ପ୍ରଫେସର ପ୍ରତ୍ୟୁଷ ରଞ୍ଜନ ଦାସ ଅବସର ଗ୍ରହଣ କରିବା ପରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବହୁ ଛାତ୍ରଛାତ୍ରୀ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏମଏସସି, ପିଏଚଡି ଓ ଗବେଷଣାମୂଳକ ସନ୍ଦର୍ଭ ବିଭିନ୍ନ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ଉପସ୍ଥାପନା କରିଛନ୍ତି । ସେହିପରି ସେକ୍‌ସନ ଅଧିକାରୀ ସୁରଥ ବନ୍ଧ ରାଉତ ଏବଂ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ଲାବୋରେଟୋରୀ ଆଟେଣ୍ଡାଣ୍ଟ ଝଟୁ ସାହୁ, ସେଣ୍ଟ୍ରାଲ ୱାର୍କସପ ଅମୁଲ୍ୟ ରାଉତ ଓ ପରୀକ୍ଷା ପରିଚାଳନା ବିଭାଗର ଆଟେଣ୍ଡାଣ୍ଟ ମୁରଲୀଧର ଜେନା କର୍ତ୍ତବ୍ୟବୋଧ ପାଇଁ ସମସ୍ତଙ୍କ ଆସ୍ଥାଭାଜନ ହୋଇ ପାରିଥିଲେ । ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝୀ, କୁଳସଚିବ ପ୍ରଦୀପ ଡାଙ୍ଗ, ବିତ୍ତ ନିୟନ୍ତ୍ରକ ତୁଳାରାମ କଲେତ ପ୍ରମୁଖ ବିଦାୟୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରଫେସର ଶରତ କୁମାର ସ୍ୱାଇଁ, ପ୍ରଫେସର ଗଣେଶ୍ୱର ନାଥ, ପ୍ରଫେସର ସରୋଜ କୁମାର ଷଡ଼ଙ୍ଗୀ, ପ୍ରଫେସର ଜୟଦେବ ରଣା, ପ୍ରଫେସର ପ୍ରଶାନ୍ତ ନନ୍ଦ, ବିଜୟ କୁମାର ବିଶ୍ୱାଳ ଏହି ଅବସରରେ ବକ୍ତବ୍ୟ ରଖିଥିଲେ । ସଭାରେ ଇନଫ୍ରାଷ୍ଟ୍ରକଚର ପ୍ଲାନିଙ୍ଗ ଓ ଭାରପ୍ରାପ୍ତ ପବ୍ଲିକ ରିଲେସନ ଡିନ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସିଭିଲ ଇଞ୍ଜିନିୟରିଙ୍ଗ ଏବଂ ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ଅମରନାଥ ନାୟକ, ସିଭିଲ ବିଭାଗୀୟ ମୁଖ୍ୟ ପ୍ରଫେସର ରାକେଶ ରୋସନ ଦାଶ, ଆର୍କିଟେକଚର୍ ବିଭାଗୀୟ ମୁଖ୍ୟ ଡକ୍ଟର ଭାରତୀ ମହାପାତ୍ର, ବଳିଷ୍ଠ ସୋହେଲା, କମ୍ପ୍ୟୁଟର ସାଇନ୍ସ ଡିନ ପ୍ରଫେସର ପ୍ରକାଶ କୁମାର ହୋତା, ସାମାଜିକ ବିଜ୍ଞାନ ଏବଂ ମାନବିକତା ଡିନ ପ୍ରଫେସର ଜୟପ୍ରକାଶ ପଣ୍ଡା, ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗୀୟ ମୁଖ୍ୟ ଡକ୍ଟର ପ୍ରଦୀପ କୁମାର ସାହୁ, ମେକାନିକାଲ ବିଭାଗୀୟ ମୁଖ୍ୟ ପ୍ରଫେସର ସୁମନ୍ତ ପଣ୍ଡା, ଡ ପୂଣ୍ୟପ୍ରିୟା ମିଶ୍ର, ଚନ୍ଦନ କୁମାର ସେଠ୍, ଡିନ ମେକାନିକାଲ ସାଇନ୍ସ ପ୍ରଫେସର ଦେବଦତ୍ତ ମିଶ୍ର, ସିଡ଼ିସିଇ ଡିନ ପ୍ରଫେସର ଦେବଦତ୍ତ ଧୂପାଲ, ଅଶ୍ୱିନୀ ମହାପାତ୍ର, ହରେନ୍ଦ୍ର କୁମାର ପାଢ଼ୀ, ପୋଷ୍ଟ ଗ୍ରେଜୁଏଟ ଷ୍ଟଡିଜ ଏବଂ ରିସର୍ଚ୍ଚର ଡିନ ପ୍ରଫେସର ହିମାଂଶୁ କୁମାର ବେହେରାଙ୍କ ସମେତ ବହୁ ଅଧାପକ ଅଧାପିକା ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଝାରସୁଗୁଡ଼ାରୁ ବାରକୋଟ୍ ଯାଏ ନୂଆ ରେଳଲାଇନ ଡିପିଆର୍ ପ୍ରସ୍ତୁତିକୁ ମଞ୍ଜୁରୀ

ଭୁବନେଶ୍ୱର: ଓଡ଼ିଶାରେ ରେଳ ଗମନାଗମନକୁ ଅଧିକ ସୁଦୃଢ଼ କରିବା ପାଇଁ ଝାରସୁଗୁଡ଼ାରୁ ବାରକୋଟ୍ ପର୍ଯ୍ୟନ୍ତ ନୂଆ ରେଳ ଲାଇନ ତିଆରି କରାଯିବ । ୧୬୦ କିମି ବିଶିଷ୍ଟ ବାରକୋଟ୍ ଓ ଝାରସୁଗୁଡା ରେଳ ଲାଇନ୍ ଡିପିଆର ପ୍ରସ୍ତୁତ କରିବାକୁ ଫାଇନାଲ ଲୋକେସନ୍ ସର୍ଭେ (ଏଫଏଲଏସ) ପାଇଁ ରେଳ ମନ୍ତ୍ରଣାଳୟ ୪ କୋଟି ଟଙ୍କା ମଞ୍ଜୁର କରିଛି ।

ନୂଆ ରେଳ ଲାଇନ୍ ଶିଳ୍ପ ସମୃଦ୍ଧ ଅଞ୍ଚଳ ଝାରସୁଗୁଡ଼ାରୁ ଦେବଗଡ଼ ଜିଲ୍ଲାର ବାରକୋଟ୍ ସହ ସଂଯୋଗ କରିବା ଏହା କାର୍ଯ୍ୟକ୍ଷମ ହେଲେ ଝାରସୁଗୁଡା ଓ ଦେବଗଡ଼ ଜିଲ୍ଲାରେ ବିକାଶର ନୂଆ ଧାରା ସୃଷ୍ଟି ହେବ । ଏହି ଅଞ୍ଚଳ ରେଳ ଭିତ୍ତିଭୂମି ସହ ଠିକ୍ ଭାବେ ଯୋଡ଼ି ହେଲେ ଚାଷୀମାନେ ଉପକୃତ ହେବା ସହ ଆର୍ଥିକ ଅଭିବୃଦ୍ଧି ଘଟିବ ଦେବଗଡ଼ ଜିଲ୍ଲାରେ ପର୍ଯ୍ୟଟନର ବିକାଶକୁ ମଧ ଗତି ମିଳିବ । ଏହି ନିଷ୍ପତ୍ତି ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଦେବଗଡ଼ ଜିଲ୍ଲା ନାଗରିକ କମିଟିର ଅନୁରୋଧକ୍ରମେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଜୁଲାଇ ୧୦ରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏସମ୍ପର୍କରେ ପତ୍ର ଲେଖିଥିଲେ ।

# ପ୍ରଧାନମନ୍ତ୍ରୀଙ୍କୁ 'ଲୋକମାନ୍ୟ ତିଲକ ରାଷ୍ଟ୍ରୀୟ ପୁରସ୍କାର'

ପୁନେ: ତିଲକ ସ୍ମାରକ ମନ୍ଦିର ଟ୍ରଷ୍ଟ ତରଫରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ 'ଲୋକମାନ୍ୟ ତିଲକ ରାଷ୍ଟ୍ରୀୟ ପୁରସ୍କାର'ରେ ସମ୍ମାନିତ କରାଯାଇଛି । ପ୍ରତିବର୍ଷ ଅଗଷ୍ଟ ୧ ତାରିଖରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ପୁରସ୍କାର ବାବଦକୁ ପଗଡ଼ି, ଉତ୍ତରୀୟ, ସମ୍ମାନପତ୍ର, ଟ୍ରଫି ସାଙ୍ଗକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ମୋଦୀ ପୁରସ୍କାରକୁ ଦେଶବାସୀଙ୍କୁ ଏବଂ ପୁରସ୍କାର ରାଶିକୁ ଗଙ୍ଗା ସଫେଇ ପାଇଁ ସମର୍ପିତ କରିଛନ୍ତି । ସୂଚନାଯୋଗ୍ୟ ଯେ, ୧୯୮୩ ମସିହା ପରଠାରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି । ମୋଦୀ ୪୧ତମ ବ୍ୟକ୍ତି ଭାବେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଶଙ୍କର ଦୟାଲ ଶର୍ମା, ପ୍ରଣବ ମୁଖାର୍ଜୀ, ଅଟଳ ବିହାରୀ ବାଜପେୟୀ, ଇନ୍ଦିରା ଗାନ୍ଧୀ, ମନମୋହନ ସିଂହ, ନାରାୟଣ ମୂର୍ତ୍ତୀ ଏବଂ ଶ୍ରୀଧରନ ପ୍ରମୁଖ ଏହି ପୁରସ୍କାର ଗ୍ରହଣ କରିଥିଲେ ।

# ଏମିତି ବାଣୀ କହନ୍ତୁ

**ବା**ଣୀ ମାନବ ଜୀବନକୁ ମହିମା ଓ ଗରିମାରେ ସମନ୍ୱିତ କରିଥାଏ ଏବଂ ବାଣୀ ହିଁ ମନୁଷ୍ୟକୁ ତା'ର ଜୀବନର ମହିମା ଓ ଗରିମାରେ ବିହୀନ କରିଦିଏ । କଥା କେବଳ ଏତିକି ଯେ ବାଣୀରେ, ଗୁଣ ଗୁଡ଼ିକରେ ଗୁଡ଼ ଭଳି ମଧୁରତା ଅଛି ଅଥବା ଏଥିରେ ଦୋଷଗୁଡ଼ିକର ତୀକ୍ଷ୍ଣତା ଓ ଖାରାପଣ ଭରିଛି । ଜୀବନବିଦ୍ୟାର ପକ୍ଷ ଏବଂ ସମ୍ବାଦ କୌଶଳର ବିଶେଷତା ବୁଝିବାକୁ ହେଲେ ବାଣୀର ଗୁଣ ଓ ଦୋଷ ମଧ ଆମକୁ ବୁଝିବାକୁ ହେବ ।

ବାଣୀର କୁଶଳତା ଆମକୁ ଆମ ଜୀବନରେ ସଫଳତାର ପଥ ପ୍ରଦର୍ଶନ କରିଥାଏ ଏବଂ ଏଥିରେ ନିହିତ ଦୋଷଗୁଡ଼ିକ ଦ୍ୱାରା ସଫଳତା ପ୍ରାୟ ବିଫଳତାର ଗଭୀର ଅନ୍ଧକାରରେ ସମାହିତ ହୋଇଯାଏ । ଜୀବନର ସାଧାରଣ କ୍ରମ ବ୍ୟତୀତ ସାଧନାତ୍ମକ ଜୀବନରେ ଆଧାତ୍ମିକ ପଥରେ ଅଗ୍ରସର ହେବା ପାଇଁ ଶାସ୍ତ୍ରକାରମାନେ ବାଣୀ କୌଶଳର କେତେକ ସୂତ୍ରର ପରାମର୍ଶ ଦେଇଛନ୍ତି । ସେଗୁଡ଼ିକ ମଧ୍ୟରୁ ଗୋଟିଏ ସୂତ୍ରର ବିବରଣ କିଛି ଏହିପରି –

ଶ୍ରୀମଦ୍ ଭଗବଦ୍‌ଗୀତାର ସପ୍ତଦଶ ଅଧ୍ୟାୟର ପଞ୍ଚଦଶ ଶ୍ଳୋକରେ ବାଣୀ ସମ୍ବନ୍ଧୀୟ ତପ ବିଷୟରେ ଭଗବାନଙ୍କ ଦ୍ୱାରା କୁହାଯାଇଛି-

ଅନୁଦ୍ୱେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍ ।
ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତମ ଉଚ୍ୟତେ ।

ଉଦ୍‌ବେଗ କରୁ ନ ଥିବା, ପ୍ରିୟ ଓ ହିତକାରକ ଏବଂ ଯଥାର୍ଥ ଭାଷଣ (ମନ ଓ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଯେପରି ଅନୁଭବ କରାଯାଇଥାଏ, ଠିକ୍ ସେପରି କହିବାର ନାମ ଯଥାର୍ଥ ଭାଷଣ) ତଥା ବେଦ-ଶାସ୍ତ୍ର ପଠନ ଏବଂ ପରମେଶ୍ୱରଙ୍କ ନାମ-ଜପର ଅଭ୍ୟାସକୁ ବାଣୀ ସମ୍ବନ୍ଧୀୟ ତପ କୁହାଯାଏ ।

ଅର୍ଥାତ୍ ଏପରି ବାଣୀ ଯେଉଁଥିରେ ପ୍ରିୟ, ହିତକାରକ ଓ ଯଥାର୍ଥ ଭାଷଣ ଥାଏ, ଉଦ୍‌ବେଗ ନ ଥାଏ ଏବଂ ବେଦ– ଶାସ୍ତ୍ରର ପଠନ ତଥା ପରମେଶ୍ୱରଙ୍କ ନାମ–ଜପର ଅଭ୍ୟାସ ଥାଏ, ସେହି ବାଣୀ ତପ ଯୁକ୍ତ ଓ ପ୍ରଭାବଶାଳୀ ହୋଇଥାଏ ।

ଏଣୁ ପରମେଶ୍ୱରଙ୍କ ନାମ ଜପ, ମନ୍ତ୍ର ଜପ ଓ ତପ ଦ୍ୱାରା ବାଣୀ ଶୁଦ୍ଧ ଏବଂ ସିଦ୍ଧ ହୋଇଥାଏ, ତ ଅନ୍ୟ ପକ୍ଷରେ ମିଥ୍ୟା ବଚନ, ଦୁର୍ବଚନ କହିବା, ଅନ୍ୟମାନଙ୍କୁ ନିଜର ବାଣୀ ଦ୍ୱାରା ଆହତ କରିବା ଫଳରେ ବାଣୀ ଅଶୁଦ୍ଧ ଓ ଅପବିତ୍ର ହୋଇଥାଏ ଏବଂ ତାହାର ମହତ୍ତ୍ୱ ଓ ପ୍ରାମାଣିକତା ନଷ୍ଟ ହୋଇଥାଏ ।

ଏଣୁ ବାଣୀ ପ୍ରିୟ ଓ ହିତକାରକ ହେଉ । ସେଥିପାଇଁ ଅନ୍ୟମାନଙ୍କୁ ସେତେବେଳେ ନିଜର କଥା କୁହ, ଯେତେବେଳେ ତାହା କହିବା ଦ୍ୱାରା କାହାର କିଛି ହିତ ହେଉଥିବ, ଅନ୍ୟଥା କୁହ ନାହିଁ ତଥା ଯେଉଁ ଢଙ୍ଗରେ କୁହାଯିବ, ସେହି ଢଙ୍ଗ, ସେହି ଶୈଳୀ ପ୍ରୀତିକର ହେଉ, ରୁଚିକର ହେଉ ; କାରଣ କଟୁ ସତ୍ୟକୁ କହିବା ବେଳେ କେହି କାହାକୁ ଗାଳି ଦେବା ପରି ଜଣାପଡ଼େ ।

ଯଦି କୌଣସି ବ୍ୟକ୍ତି ଅନ୍ଧ, ତେବେ ତାକୁ ଅନ୍ଧ କହି ଡାକିବା ଅସତ୍ୟ ନୁହେଁ, କିନ୍ତୁ ଏହା କଟୁ ସତ୍ୟ ଏବଂ ଏକ ପ୍ରକାରେ ଏହା



ଅନ୍ୟମାନଙ୍କ ଉପରେ ବାଣୀ ଦ୍ୱାରା କରାଯାଉଥିବା ତୀକ୍ଷ୍ଣ ପ୍ରହାର ଅଟେ, କିନ୍ତୁ ତାକୁ ଯଦି ସୁରଦାସ କହି ଡକାଯାଏ, ତ ସେଥିରେ ବାଣୀର ଏକ ମାଧୁର୍ଯ୍ୟ ଥାଏ । ଏହିପରି ବାଣୀର ପ୍ରୟୋଗ ସତ୍ୟର ଏପରି ଉପଯୋଗ ଅଟେ, ଯାହା କଟୁ ସତ୍ୟକୁ ପ୍ରିୟ ବାଣୀର ରୂପ ଦେଇଥାଏ ।

ଯଦି ଆମେ ବାଣୀ ଦ୍ୱାରା ସତ୍ୟ କହି ଅନ୍ୟମାନଙ୍କ ଉପରେ ପଥର ଫିଙ୍ଗିବା ସମାନ ଆଘାତ କରୁ, ତେବେ ତଦ୍ୱାରା କାହାର ହିତ ହୋଇ ନ ଥାଏ, ତେଣୁ କରି ସଂବେଦନଶୀଳ ହୋଇ ନିଜର ବାଣୀ ଦ୍ୱାରା ତାହା କହିବା ଉଚିତ, ଯାହା ଅନ୍ୟମାନଙ୍କ ପାଇଁ ପ୍ରୀତିକର ହେବ । ଏହାର ଅର୍ଥ ନୁହେଁ ଯେ ଅନ୍ୟମାନଙ୍କୁ ରୁଚିକର, ପ୍ରୀତିକର କହିବା ପାଇଁ ମିଥ୍ୟା କୁହାଯିବ । ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ କହିବାର ସୀମା ନିର୍ଦ୍ଧାରଣ କରି କହିଛନ୍ତି ଯେ ଉଦ୍‌ବେଗ ଉତ୍ପନ୍ନ କରୁ ନ ଥିବା ପ୍ରିୟ, ହିତକାରକ, ଯଥାର୍ଥ ଓ ସତ୍ୟ କଥା କୁହ ।

ଏଠାରେ ପ୍ରିୟ କହିବାର ଅର୍ଥ ନୁହେଁ ଯେ ଅନ୍ୟମାନଙ୍କର ମିଥ୍ୟା ପ୍ରଶଂସା କରାଯିବ, ଯଦ୍ୱାରା ସେମାନଙ୍କୁ ଖୁବ୍ ଆନନ୍ଦ ଲାଗିବ । ଯେପରି– ସାମନାରେ ଥିବା ବ୍ୟକ୍ତି ନିଜେ ସୁନ୍ଦର ନୁହେଁ ବୋଲି ସେ ଜାଣିଥାଏ, କିନ୍ତୁ ତାକୁ ଯଦି କୁହାଯିବ ଯେ ତୁମେ ପରମ ସୁନ୍ଦର, ତୁମ ପରି ଅନ୍ୟ କୌଣସି ବ୍ୟକ୍ତି ମୁଁ କେଉଁଠି ଦେଖି ନାହିଁ, ତ ଏ ପ୍ରକାର ମିଥ୍ୟା କହିବାର କୌଣସି ଆବଶ୍ୟକତା ନାହିଁ । ଏହା ବଦଳରେ ତା'ର ସେହି ଗୁଣଗୁଡ଼ିକର ପ୍ରଶଂସା କରାଯାଇପାରେ, ଯାହା ତା'ଠାରେ ଯଥାର୍ଥରେ ଥାଏ । ଏପରି କଲେ ତା'ର ମନୋବଳ ବଢ଼ିବ ଓ ସେ ନିଜ ଉପରେ ଗର୍ବ ମଧ କରିବ, କିନ୍ତୁ ଯଦି ତା'ର ମିଥ୍ୟା ପ୍ରଶଂସା କରାଯାଏ ଓ ସେ ତାହା ମାନିନିଏ, ତେବେ ଏହା ଦ୍ୱାରା କେବଳ ତା'ର ଅହଂକାର ବଢ଼ିବ ।

ଭଗବାନ ଶ୍ରୀକୃଷ୍ଣ ସପ୍ତଦଶ ଅଧ୍ୟାୟର ପଞ୍ଚଦଶ ଶ୍ଳୋକରେ ଏହା ମଧ କହିଛନ୍ତି ଯେ ସ୍ୱାଧ୍ୟାୟର ଅଭ୍ୟାସ ହେବା ପରି କଥା କୁହ, ଅର୍ଥାତ୍ ଯେଉଁ ଶବ୍ଦଗୁଡ଼ିକୁ କହିବା ଦ୍ୱାରା ତୁମର ନିଜର ଅଧ୍ୟୟନରେ, ସ୍ୱୟଂର ନିରୀକ୍ଷଣରେ ଗତି ଆସିବ, ତାହା କୁହ । କହିବା ସମୟରେ ଧାନ ରଖିବାକୁ ହେବ ଯେ କାହାକୁ ଯଦି କିଛି କୁହାଯାଏ, ତେବେ ତାକୁ ଆପଣ ବେହୋସ ହେବା ସମାନ କିଛି ବି କହି ଚାଲନ୍ତୁ ନାହିଁ, ବରଂ ହୋସର ସହିତ, ପୂର୍ଣ୍ଣ ଜାଗୃତିର ସହିତ କୁହନ୍ତୁ ।

କାହାକୁ କିଛି କହିବା ବେଳେ ଆହୁରି ମଧ ଧାନ ରଖିବା ଦରକାର ଯେ ନିଜ ମନ ଭିତରେ ଭରିଥିବା ଆବର୍ଜନାକୁ ଖାଲି କରିବା ପାଇଁ, ବାଣୀ ଦ୍ୱାରା ମନର ମଇଳାର ରେଚନ, ବମନ ତ କରାଯାଉ ନାହିଁ । ତେଣୁ ଏହି ପ୍ରଶ୍ନ ବାରମ୍ବାର ନିଜକୁ ପଚାରିବା ଜରୁରୀ ଯେ ମୁଁ ଏପରି କାହିଁକି କହୁଛି, କ'ଣ କହୁଛି ? ଯେତେବେଳେ କୌଣସି ବ୍ୟକ୍ତି ବିନା କୌଣସି ପ୍ରୟୋଜନରେ ଅନ୍ୟମାନଙ୍କୁ କହିଚାଲେ, ଜବରଦସ୍ତି ନିଜର କଥା ଶୁଣାଇବାକୁ ଚାହିଁଥାଏ ଓ ଅନ୍ୟ ବ୍ୟକ୍ତି ତା' କଥା ଶୁଣିବାକୁ ଚାହିଁ ନ ଥାଏ, ବରଂ ସେଠାରୁ ସେ ଯିବାକୁ ଚାହିଁଥାଏ, ଏହିପରି ଜବରଦସ୍ତି କାହାକୁ ନିଜର କଥା ଶୁଣାଇବା, ନିଜର ବାଣୀ ଦ୍ୱାରା ଗାଳିଗୁଲଜ କରିବା, ଶବ୍ଦ ଦ୍ୱାରା ଅନ୍ୟମାନଙ୍କ ଉପରେ ତୀକ୍ଷ୍ଣ ପ୍ରହାର କରିବା, ଅପଶବ୍ଦ କହିବା- ଏସବୁ ବାଣୀ ଅ ସମ୍ବନ୍ଧୀୟ ଅନାଚାର ହୋଇଥାଏ, ଯାହାର ପ୍ରୟୋଗ ମନୁଷ୍ୟ କରିବା ଉଚିତ ନୁହେଁ । ଏହା ଦ୍ୱାରା ବାଣୀର ପ୍ରଭାବ କ୍ଷୀଣ ହୋଇଥାଏ, ତାହାର ପ୍ରାମାଣିକତା ନ୍ୟୁନ ହୋଇଥାଏ, ଯଦ୍ୟପି ବାଣୀର ତପର ଅଭ୍ୟାସ କଲେ ବାଣୀର କ୍ଷମତା ଓ ପ୍ରାମାଣିକତା ଉଭୟ ବଢ଼ିଥାଏ ।

ସାଧାରଣ ମନୁଷ୍ୟର ବାଣୀରେ ଗୁଣ ସାଙ୍ଗକୁ ଦୋଷର ସମ୍ଭାବନା ବି ଥାଏ । ଶାସ୍ତ୍ର, ସନ୍ଥ, ବିଦ୍ୱାନ ଓ ଜ୍ଞାନୀଜନ କହନ୍ତି ଯେ ବାଣୀର ପ୍ରେରିତ ବୁଦ୍ଧି ରହିଛି । ଏହି କ୍ରମରେ ସାଧାରଣ ବାଣୀର ୧୮ଟି ଦୋଷ କୁହାଯାଇଛି ।

ପ୍ରଥମ ଦୋଷ- ଅପେତାର୍ଥ (ନିରର୍ଥକ ଶବ୍ଦଜାଲ) ଅର୍ଥାତ୍ ନିରର୍ଥକ ବାଣୀ କହିବା ।

ଦ୍ୱିତୀୟ ଦୋଷ– ଅନେକ ବାକ୍ୟରେ ଗୋଟିଏ ଭାବକୁ ବାରମ୍ବାର ଦୋହରେଇବା ।

ତୃତୀୟ ଦୋଷ– ଅଶୁଦ୍ଧ-ଅଶ୍ଳୀଳ ବାଣୀର ପ୍ରୟୋଗ ।

ଚତୁର୍ଥ ଦୋଷ– ଆବଶ୍ୟକତା ଠାରୁ ଅଧିକ କହିବା ।

ପଞ୍ଚମ ଦୋଷ– ବହୁତ ବିସ୍ତାର କରି କହିବା ।

ଷଷ୍ଠ ଦୋଷ– କଟୁ ବଚନ କହିବା ।

ସପ୍ତମ ଦୋଷ– ସନ୍ଦିଗ୍ଧ ବାଣୀ କହିବା ।

ଅଷ୍ଟମ ଦୋଷ– ଦୀର୍ଘ ପଦ ଉଚ୍ଚାରଣ କରିବା ।

ନବମ ଦୋଷ– ଶ୍ରୋତା ଠାରୁ ମୁହଁ ବୁଲାଇ କହିବା ।

ଦଶମ ଦୋଷ– ଅସତ୍ୟ କହିବା ।

ଏକାଦଶ ଦୋଷ– ତ୍ରିବର୍ଗ ଅଥବା ଚତୁର୍ବର୍ଗ (ଧର୍ମ- ଅର୍ଥ-କାମ-ମୋକ୍ଷ) ବିରୁଦ୍ଧରେ କହିବା ।

ଦ୍ୱାଦଶ ଦୋଷ– ବାର୍ତ୍ତାଳାପରେ କର୍ଣ୍ଣକଟୁ ଅର୍ଥାତ୍ କଟୁ ଶବ୍ଦର ପ୍ରୟୋଗ କରିବା ।

ତ୍ରୟୋଦଶ ଦୋଷ– କଠିନତାରେ ଉଚ୍ଚାରଣ କରିବା ଯୋଗ୍ୟ ଶବ୍ଦ କହିବା ।

ଚତୁର୍ଦଶ ଦୋଷ– ଓଲଟପାଲଟ ଢଙ୍ଗରେ ଅର୍ଥାତ୍ ବିପର୍ଯ୍ୟସ୍ତ କ୍ରମରେ ନିଜର କଥା କହିବା ।

ପଞ୍ଚଦଶ ଦୋଷ– ଅତ୍ୟନ୍ତ ନ୍ୟୁନ ବା ଆବଶ୍ୟକତା ଠାରୁ ବହୁତ କମ୍‌ରେ କହିବାର ଚେଷ୍ଟା କରିବା, ଅର୍ଥାତ୍ ଶ୍ରୋତା କିଛି ବୁଝି ନ ପାରିବା ଭଳି ବାଣୀ କହିବା ।

ଷୋଡ଼ଶ ଦୋଷ– ଅକାରଣ ଅର୍ଥାତ୍ ବିନା କୌଣସି କାରଣରେ କହିବା ।ସପ୍ତଦଶ ଦୋଷ– ନିଷ୍ପ୍ରୟୋଜନ ଅର୍ଥାତ୍ ବିନା କୌଣସି ଉଦ୍ଦେଶ୍ୟରେ କହିବା ।

ଅଷ୍ଟାଦଶ ଦୋଷ– ଅନର୍ଗଳ ବାଣୀର ପ୍ରୟୋଗ କରିବା –ଏଗୁଡ଼ିକୁ ବାଣୀର ଅଠରଟି ଦୋଷ କୁହାଯାଇଛି ।

ପୁଣି ଆଗକୁ କୁହାଯାଇଛି- ୧. କାମ, ୨. କ୍ରୋଧ, ୩. ଲୋଭ, ୪. ଭୟ, ୫. ଦୈନ୍ୟ, ୬. ଅନାର୍ଯ୍ୟତା, ୭. ହୀନତା, ୮. ଗର୍ବ ଓ ୯. ଦୟାରେ ଗଦ୍‌ଗଦ୍ ହୋଇ କହିବା– ଏହି ନଅଟି ଦୁର୍ବୁଦ୍ଧିଜନିତ ବାକ୍ୟ ଦୋଷ ଅଟେ ।

ଶ୍ରୋତା ବା ବକ୍ତା ଦୁହିଁଙ୍କ ମଧ୍ୟରୁ କେହି ଜଣେ କପଟପୂର୍ଣ୍ଣ ଭାଷଣ କଲେ ଯଥାର୍ଥ କଥା ଲୁଚି ରହିଯାଏ । ଏଣୁ ଶୁଦ୍ଧ ରୀତିରେ ଅନ୍ତର୍ଦ୍ୱନ୍ଦର କଥା କହିବା ଉଚିତ ।

ଏହା ଅତିରିକ୍ତ ଅନ୍ୟ ଗ୍ରନ୍ଥଗୁଡ଼ିକରେ ଯେଉଁଠି ବାଣୀର ଗୁଣଗୁଡ଼ିକ କୁହାଯାଇଛି ; ସେଗୁଡ଼ିକ ଏହିପରି- ଶ୍ଳେଷ, ପ୍ରସାଦ, ସମତା, ମଧୁରତା, ସୌକୁମାର୍ଯ୍ୟ, ଅର୍ଥର ସୁସ୍ପଷ୍ଟତା, କାନ୍ତି, ଉଦାରତା, ଓଜ, ଉର୍ଜସ୍ୱଳତା, ପ୍ରିୟତା, ଶ୍ରେଷ୍ଠ ଶବ୍ଦ, ସମାଧି, ସୂକ୍ଷ୍ମତା, ଗମ୍ଭୀରତା, ଅର୍ଥର ବ୍ୟାପକତା, ସଂକ୍ଷେପରେ ବହୁତ କହିବାର ଶୈଳୀ, ଭାବିକତା, ଗତି, ରୀତି, ଭକ୍ତି ଓ ପ୍ରୌଢ଼ି ।

ଉପରେ କୁହାଯାଇଥିବା ଏହି ପଂକ୍ତି ଗୁଡ଼ିକରେ ବାଣୀର ଗୁଣଗୁଡ଼ିକର ଚର୍ଚ୍ଚା ହୋଇଛି ଏବଂ ଏହାର ଦୋଷ ମଧ ଗଣନା କରାଯାଇଛି । ଆମେ ନିଜ ବାଣୀର କୁଶଳତାକୁ କିପରି ଭାବରେ ପରିମାର୍ଜିତ ଓ ବିକଶିତ କରିବା ଏହା ଆମର ବୁଝାମଣା ଓ ବୁଦ୍ଧିମତ୍ତା ଉପରେ ନିର୍ଭର କରେ ।

ଜୀବନର ସାମାନ୍ୟ କ୍ରମରେ ଦୈନିକ ଜୀବନରେ କେତେ ଥର ଏପରି ଅବସର ଆସେ, ଯେତେବେଳେ ଆମକୁ କେବଳ ଆମ ବାଣୀର ଆଧାରରେ ପରଖା ଯାଏ, ସେହି ଆଧାରରେ ଆମକୁ ପାତ୍ର ଓ ପ୍ରାମାଣିକ ମନେ କରାଯାଏ ତ କେବେ ଅପାତ୍ର ଓ ଅପ୍ରାମାଣିକ କହି ଅଣଦେଖା କରି ଦିଆଯାଏ । ସାକ୍ଷାତ୍‌କାର, ସମୂହ ବିମର୍ଶ, କୌଣସି ବିଶେଷ ଅବସରରେ ବିଷୟର ପ୍ରସ୍ତୁତିକରଣ ଆଦି ଏପରି ଅବସର ହୋଇଥାଏ । ଏଥିପାଇଁ ଆଜିକାଲି ସଂବାଦ କୁଶଳତାର ବିଶେଷ ପ୍ରଶିକ୍ଷଣ କରାଯାଉଛି । ଆମର ଶାସ୍ତ୍ରକାରମାନେ ଏହି ସୂତ୍ରଗୁଡ଼ିକୁ ପ୍ରଥମରୁ ହିଁ ବୁଝାଇବାର ପ୍ରୟାସ କରିଛନ୍ତି । ଆମେ ଏହି ସୂତ୍ରଗୁଡ଼ିକୁ ନିଜ ଜୀବନର ନବୀନ ପରିପ୍ରେକ୍ଷୀ ଓ ପରିଦୃଶ୍ୟରେ ଜାଣିବା-ବୁଝିବାର ପ୍ରୟାସ କରିବା ଉତ୍ତମ ହେବ । ନିଶ୍ଚିତ ରୂପେ ଆମର ବିଫଳତା ସଫଳତାରେ ପରିବର୍ତ୍ତିତ ହେବ ତଥା ଆମର ବ୍ୟକ୍ତିତ୍ୱର ଚମକ ଆହୁରି ପରିସ୍ଫୁଟ ହେବ ।

## ଆଜିର ଚିନ୍ତନ

**ବ୍ରା**ହ୍ମଣ ଉଜ୍ଜୟିନୀର ବାସିନ୍ଦା ଥିଲେ । ନିପଟ ଗରିବ ଘରେ ଜନ୍ମ ହୋଇଥିଲେ । କାଠକାଟି ବିକ୍ରିକରି ଗୁଜୁରାଣ ମେଣ୍ଟାଉଥିଲେ । କାଠ ବିକ୍ରିରୁ ଯାହା କିଛି ମିଳେ ତାହା ହିଁ ଥିଲା ଚଳିବାର ମାଧ୍ୟମ । ବହୁ କଷ୍ଟରେ ଜୀବନ ଅତିବାହିତ ହେଉଥିଲା । ରାଜକନ୍ୟା କମଳା ବିଦୂଷୀ ଥିଲେ । ପଣ କରିଥିଲେ ଯିଏ ତାଙ୍କୁ ବିଦ୍ୟା ପ୍ରତିଯୋଗିତାରେ ହରାଇ ଦେବେ ତାକୁ ହିଁ ସେ ବିବାହ କରିବେ । ରାଜକନ୍ୟାଙ୍କୁ ବିଭା ହେବା ଇଚ୍ଛାରେ ଅନେକ ଆଡୁ ବହୁ ବିଦ୍ୱାନ ବ୍ୟକ୍ତି ଆସିଲେ । ବିଦ୍ୱାନ, ପଣ୍ଡିତମାନେ ହାରିଯିବାରୁ ସେମାନଙ୍କ ମଧ୍ୟରେ ଭୀଷଣ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ଛାର ଗୋଟେ ମହିଳାଙ୍କ ନିକଟରେ ବିଦ୍ୟା - ପ୍ରତିଯୋଗିତାରେ ଆମେ ସମସ୍ତେ ପରାଜୟ ସ୍ୱୀକାର କଲୁ । ନା, ଏହାକୁ ଉଚିତ ଶିକ୍ଷା ଦେବାକୁ ହେବ । ଏହା ବିଚାର କରି ପଣ୍ଡିତ ଦଳ ରାସ୍ତାରେ ଆସୁଥିବା ସମୟରେ ଦେଖିବାକୁ ପାଇଥିଲେ ଏକ ତ୍ରିପଣ୍ଡ କଳା ଶରୀରଯୁକ୍ତ ଯୁବକ ଜଣକ ଯେଉଁ ଡାଳରେ ଠିଆ ହୋଇଥିଲେ ସେହି ଡାଳକୁ ମୂଳରୁ ହାଣିବାରେ ଲାଗିଛନ୍ତି । ଏହି କୌତୂହଳଜନକ ଦୃଶ୍ୟ ଦେଖି ପଣ୍ଡିତମାନେ ଅନୁମାନ କରିନେଲେ ସତରେ ଏ ଖାଲି ମହାମୂର୍ଖ ନୁହେଁ ନିପଟ ନିର୍ବୋଧ । ବିଦୂଷୀ ବୋଲି ଗର୍ବ କରୁଥିବା ସେହି ମହିଳାଙ୍କୁ ଏଭଳି ଜଣେ ନିପଟ ନିର୍ବୋଧକୁ ଶ୍ରେଷ୍ଠ ବିଦ୍ୱାନ କହି 'ଭେଟି' ଦେଲେ ବହୁତ ଭଲ ହେବ । କାଳିଦାସଙ୍କୁ ଗଛରୁ ଓହ୍ଲାଇବାକୁ ପଣ୍ଡିତମାନେ କହିଥିଲେ । ତଳକୁ ଆସିବାରୁ ପଣ୍ଡିତଙ୍କ ମଧ୍ୟରୁ ଜଣେ ତାଙ୍କୁ ସାଙ୍ଗରେ ଧରି ରାଜଉଆସ ଆଡ଼େ ଯାଇଥିଲେ । ବାଟଯାକ ବହୁତ ବୁଝାସୁଝା କରିଥିଲେ, ଶୁଣ ରାଜା ତୋତେ ରାଜଉଆସକୁ ନେବାକୁ ହୁକୁମ ଦେଇଛନ୍ତି । ତୋତେ ସାଙ୍ଗରେ ନେଉଛି । ମୁଁ ଯାହା କହିବି ତୁ ସେଇ ଅନୁଯାୟୀ କାମ ନକଲେ ମହାବିପଦ, ଜୀବନ ଚାଲିଯିବ । ଏହା ଶୁଣି ବୋକା କାଳିଦାସ ଡରି ଯାଇଥିଲେ । ପଣ୍ଡିତେ ବୁଝାଇ ଦେଇଥିଲେ, ତୋତେ ଯିଏ ଯେତେ ପଚାରିଲେ ବି କାହାରିକୁ କିଛି କହିବୁ ନାହିଁ । ରାଜା ଝିଅ ସାମ୍ନାରେ ତୁନି ହୋଇ ବସିବାକୁ ହେବ ଓ ବହୁତ ଧନ ସମ୍ପଦ ପାଇବୁ । କାଳିଦାସ ମୁଣ୍ଡ ଟୁଙ୍ଗାରି ହିଁ ଭରିଥିଲେ । ପଣ୍ଡିତ ରାଜା ଝିଅଙ୍କ ଉପରେ ଦାଉ ସାଧିବା ପାଇଁ ଏ ଯେଉଁ ନାଟକ କଲେ ସେଥିରେ କାଳିଦାସ ପ୍ରଥମ ପର୍ଯ୍ୟାୟରେ ବିଜୟୀ ହୋଇଯାଇଥିଲେ । ରାଜା ଝିଅଙ୍କ ସମ୍ମୁଖକୁ ତାଙ୍କୁ ନିଆଯାଇଥିଲା ବିଦ୍ୱାନ ଭାବରେ । ରାଜାଝିଅ ପ୍ରଶ୍ନ ପଚାରିଥିଲେ, କାଳିଦାସ କିଛି ନ କହି ପଣ୍ଡିତେ କହିଥିବା ମୁତାବକ ତୁନି ରହିଲେ । ରାଜାଝିଅ ଭାବିଲେ ଇଏ ବୋଧେ ମୂକ ପଣ୍ଡିତ, ତେଣୁ ହାତରେ ଠାରି ପ୍ରଶ୍ନ କରିଥିଲେ । କାଳିଦାସ ସେହିଭଳି ହାତ ଆଙ୍ଗୁଠି ଠାରରେ ଉତ୍ତର ଦେଇଥିଲେ । ଦୈବଯୋଗକୁ ସବୁ ଠାର ଉତ୍ତର ରାଜା ଝିଅଙ୍କ ମନଲାଖି (ଠିକ୍) ହୋଇଥିଲା । ବିବାହ ହୋଇଗଲା ମୂର୍ଖ କାଳିଦାସଙ୍କର ରାଜା ଝିଅଙ୍କ ସାଙ୍ଗରେ । ପରେ ଯେତେବେଳେ ରାଜକନ୍ୟା ଜାଣିଲେ ଯେ ଇଏ ଗୋଟିଏ ଅପଗଣ୍ଡ, ନିର୍ବୋଧ, ମୂର୍ଖ, ବହୁ ତାଚ୍ଛଲ୍ୟ କରି ତଡ଼ି ଦେଇଥିଲେ । ଅପମାନ ଜର୍ଜରିତ କାଳିଦାସ ପତ୍ନୀଙ୍କ ଦ୍ୱାରା ତିରସ୍କୃତ, ଲାଞ୍ଛିତ ହୋଇ ସେହି ଦିନ ପ୍ରତିଜ୍ଞା କରିଥିଲେ ଜଣେ ବିଦ୍ୱାନ ହୋଇ ତଥାକଥିତ ପତ୍ନୀଙ୍କ ପାଖକୁ ଫେରିବି । ତାଙ୍କର ଦାମ୍ଭିକତା ଭାଙ୍ଗିବି । ସମୟକ୍ରମେ ସରସ୍ୱତୀଙ୍କୁ ବଶ କରି ମହାପଣ୍ଡିତ ହୋଇ ବିକ୍ରମାଦିତ୍ୟ ରାଜସଭାରେ ନବରତ୍ନ (ପଣ୍ଡିତ)ଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ପାଇଥିଲେ । ମହାମୂର୍ଖରୁ ମହାବିଦ୍ୱାନ ମହାକବି କାଳିଦାସ ଭାବରେ କଥିତ ହୋଇଥିଲେ କେବଳ ପତ୍ନୀଙ୍କ ତାଚ୍ଛଲ୍ୟ, ଅପମାନ ଯୋଗୁଁ । ବୋଧହୁଏ ଏହା ବିଧିନିର୍ଦ୍ଦିଷ୍ଟ ଥିଲା ।

ବର୍ଷ ୨୭, ସଂଖ୍ୟା- ୩୨, ୬ - ୧୨ ଅଗଷ୍ଟ ୨୦୨୩

# ଗାଁ ଆଉ ମାଟିର ସ୍ୱର୍ଗ ହୋଇ ରହିନାହିଁ

**ଗାଁ** କହିଲେ ସାଧାରଣତଃ ଆମ ଆଖି ସାମ୍ନାକୁ ଆସିଯାଏ ଧୂଳି ମାଟିର ରାସ୍ତା ଓ ଅସଂଖ୍ୟ ଗଛଲତାଙ୍କ ଗହଳି ଭିତରେ ଆଶ୍ରମ ପରି ଦିଶୁଥିବା ଧାଡ଼ି ଧାଡ଼ି ନୁଆଁଣିଆ ନଡ଼ା ଛପର ଘର, ଯା'ର ଗୋବର ଲିପା ଝାଟିମାଟି କାନ୍ଥରେ ଥାଏ ଝୋଟିଚିତାର ହସ୍ତାକ୍ଷର ଓ ଚାଳ ଉପରେ ଛନ୍ଦାଛନ୍ଦି ଲାଉ କଖାରୁଲତାର ଡଙ୍କା । ସିନ୍ଦୂରା ଫାଟିଲେ ଉଜ୍ଜ୍ୱଳ ଦିଶେ ଗାଁର ମୁହଁ । ହସିଉଠେ ତୋଟା, ବିଲ, ବଣ, ପୋଖରୀ ତୁଠ ଓ ତା'ଚାରିପଟେ ବିସ୍ତୃତ ଧାନ କ୍ଷେତର ସବୁଜିମା । ଗାଁର ନିର୍ମଳ ଆକାଶ ଓ ଅବିଚଳିତ ପ୍ରକୃତିର ଅକୃତ୍ରିମ ଅଭିସାର ଯେତିକି ମନୋରମ, ଗାଁ ଦାଣ୍ଡରେ ଅବୋଧ ପିଲାଙ୍କ ଧୂଳିଖେଳ ଓ ବର୍ଷାବେଳେ କାଗଜ ଡଙ୍ଗା ଭସେଇବାର ଦୃଶ୍ୟ ସେତିକି ସ୍ମରଣୀୟ । ଯେଉଁମାନଙ୍କର ବାଲ୍ୟ କୈଶୋର ଗାଁରେ କଟିଛି, ସେମାନେ କେବେ ଭୁଲି ନଥିବେ ଖରାଦିନେ ପୋଖରୀରେ ପହଁରିବା, ମୁଣ୍ଡିଆରୁ କଣ୍ଟେଇ କୋଳି ତୋଳିବା, ବିଲରୁ ମୁଗୁରାରେ ମାଛ ଧରିବା, ମେଘ ପବନ ଥମିଗଲେ ତୋଟାରୁ ଆମ୍ବ ଗୋଟାଇବା ଓ ଖରାବେଳେ ପଡ଼ିଶା ବାଡ଼ିରୁ କାକୁଡ଼ି ଓ ପିଜୁଳି ଚୋରିକରି ଖାଇବାର ରୋମାଞ୍ଚକର ଅନୁଭୂତି । ମାତ୍ର ବିଡ଼ମ୍ବନାର ବିଷୟ ଆମ ଗଭୀର ଚେତନାରେ ଅକ୍ଷତ ଅବସ୍ଥାରେ ଦାନା ବାନ୍ଧିଥିବା ସେ ଗାଁ ଆଉ ନାହିଁ । ବଦଳି ଯାଇଛି ତା'ର ଆଙ୍ଗିକ ରୂପ ଓ ଆର୍ଥିକ ବିଭବ ।

ଯୌଥ ପରିବାର ଥିଲା ଗ୍ରାମ୍ୟ ଜୀବନଧାରାର ଏକ ଦୁର୍ଲଭ ଐଶ୍ୱର୍ଯ୍ୟ । ଗୋଟିଏ ଛାତ ତଳେ ଜେଜେବାପା-ଜେଜେମାଆ, ବାପା-ମାଆ, କକା-ଖୁଡ଼ୀ, ବଡ଼ବାପା-ବଡ଼ମାଆ, ଓ ସାନବଡ଼ ଭାଇଭଉଣୀଙ୍କୁ ନେଇ ଫାଟି ପଡୁଥିଲା ହସ ଖୁସିର ଜୁଆର । ହଜାର ଅଭାବ ଅସୁବିଧା ଭିତରେ ବି ପରସ୍ପର ଭିତରେ ଥିବା ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆନ୍ତରିକତା ଯୋଗୁଁ ବୈକୁଣ୍ଠ ପରି ଲାଗୁଥିଲା ଘର । ଜେଜେ ଥିଲେ ଘରର ମୁରବି, ନୈତିକତାର ପ୍ରହରୀ । ଭଲରେ ମନ୍ଦରେ ଆକଟ କରୁଥିଲେ ସମସ୍ତଙ୍କୁ । ଭୟ ଓ ଭକ୍ତି ନେଇ ସମସ୍ତେ ତାଙ୍କୁ ମାନୁଥିଲେ ଏବଂ ସବୁ କଥାରେ ପଚାରୁଥିଲେ । କିଏ ଗଲା ଆଇଲା, କିଏ ଖାଇଲା ନ ଖାଇଲା ଆଦି ସବୁକଥାକୁ ନିଘା ରଖୁଥିଲା ଜେଜେମାଆ । ତା' ପାଖରେ ପିଲାଙ୍କର ତ ବେଶି ରଗଡ଼ । ସଞ୍ଜ ହେଲେ ପିଲାମାନେ କେତେବେଳେ ଜେଜେମାଆ ପାଖରେ ବସି ବୁଢ଼ୀ ଅସୁରୁଣୀ ଗପ ଶୁଣୁଥିଲେ ତ କେତେବେଳେ ହେଁସ ମଶିଣାରେ ଗଡୁ ଗଡୁ ସୁଆଁ ତାରାକୁ ଦେଖି ଗାଉଥିଲେ - 'ଏକ ତାରା..., ଦୁଇ ତାରା...'ଇତ୍ୟାଦି । ଭାଇଭଉଣୀ ଓ ଅନ୍ୟମାନଙ୍କ ସହ ଗୋଟିଏ କଂସାରେ ପଖାଳ ଖାଉଥିଲେ । ବୋଉ ହାତରନ୍ଧା ତିଅଣର ରାନ୍ଧିବା କୌଶଳ ଥିଲା ସ୍ୱତନ୍ତ୍ର । ଏବେ ତ ହଜାର ପ୍ରକାର ମସଲା ପଡୁଛି, ହେଲେ ବୋଉ ହାତରନ୍ଧା ସୁଆଦ କାହିଁ ?

ଆଗେ ଗାଁକୁ ସବୁଦିନିଆ ରାସ୍ତା ନଥିଲା । ବର୍ଷାଦିନେ ପାଣି କାଦୁଅରେ ଚିପରି ଚପର ହୋଇ ବସଷ୍ଟାଣ୍ଡରୁ ଚାଲି ଚାଲି ଯିବାକୁ ପଡୁଥିଲା ଚପଲକୁ ହାତରେ ଧରି । ବିଜୁଳି ଆଲୁଅ ନଥିବାରୁ ଦିନ ଥାଉ ଥାଉ ସଜଡ଼ା ଯାଉଥିଲା ଲଣ୍ଠନ ଓ ଡିବିରିବତି । କିଆ ଗୋହିରି, ମଶାଣି ଦଣ୍ଡା ଓ ବାଉଁଶ ବୁଦା ପରିବେଷ୍ଟିତ ଗାଁର କୋଣେ କୋଣେ ଭରି ରହିଥିଲା ଦାରିଦ୍ର୍ୟ, ଅଶିକ୍ଷା ଓ ଅନ୍ଧବିଶ୍ୱାସ । ହେଲେ ତା'ରି ଭିତରେ ଝଲସି ଉଠୁଥିଲା ପ୍ରାଚୁର୍ଯ୍ୟମୟ ଜୀବନବୋଧର ବାର୍ତ୍ତା । ଗାଁରେ ବାଦ ବିବାଦ ଯେ ନଥିଲା, ତା' ନୁହେଁ; ମାତ୍ର ଥାନା ବା କୋର୍ଟ କଚେରି ନୁହେଁ, କଳି ତୁଟି ଯାଉଥିଲା ଗାଁ ପଞ୍ଚାୟତ ବା ଭାଗବତ ଟୁଙ୍ଗିରେ । ଭାଗବତ ଟୁଙ୍ଗି ଥିଲା ଆମ ଆସ୍ତିକ ସଂହତିର ପ୍ରାଣକେନ୍ଦ୍ର । ସଞ୍ଜ ନଇଁଲେ ଗୋସେଇଁଙ୍କ କଣ୍ଠରୁ ଭାସି ଆସୁଥୁଲା 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ...' । ତେଲ ଲୁଣ ସଂସାର ଜଞ୍ଜାଳ ଭିତରୁ ବାହାରି ସେଠାକୁ ଧାଇଁ ଯାଉଥିଲା କର୍ମକ୍ଳାନ୍ତ ମଣିଷ । ଭାଗବତର ପଦପଂକ୍ତିର ଅମୃତ ପ୍ରଭାବରେ ସେବା, ତ୍ୟାଗ ଆଦି ମାନବୀୟ ଜୀବନବୋଧରେ ମହକି ଉଠୁଥିଲା ଗ୍ରାମ୍ୟ ଜୀବନ । ରାତି ଅଧରେ ବିପଦ ପଡ଼ିଲେ ବି ପହଞ୍ଚି ଯାଉଥିଲେ ଗାଁଟା ସାରା ଲୋକ । ପରସ୍ପର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆତିଥେୟତା ଯୋଗୁଁ ଭାରି ପୂରିଲା ପୂରିଲା ଲାଗୁଥିଲା ଗ୍ରାମ୍ୟ ଜୀବନ । ଗାଁରେ କାହା ପୁଅ ବଡ଼ ଚାକିରି ପାଇଲେ ଗାଁ ସାରା ଲୋକଙ୍କ ମନରେ ଖେଳି ଯାଉଥିଲା ଖୁସିର ଲହରୀ । ଘଡ଼ିକ ଭିତରେ ଆଖପାଖ ପାଞ୍ଚ ଖଣ୍ଡ ଗାଁରେ ସଞ୍ଚରି ଯାଉଥିଲା ଖବର । ଗ୍ରାମଦେବତୀଙ୍କ ପାଖରେ ହେନ୍ତାଳ ଭୋଜି, ବାହାଘର, ବ୍ରତଘର ଓ ପୂନେଇ ପରବରେ ପଂକ୍ତିଭୋଜନ ତଥା ଯାନିଯାତ୍ରାରେ ମିଳିମିଶି ଛାମୁଣ୍ଡିଆ ବାନ୍ଧିବାରେ ଥିଲା ଏକ ନିଆରା ଆନନ୍ଦ ।

ଗ୍ରାମ ଅର୍ଥନୀତିର ଆଧାର ଥିଲା କୃଷି ଓ କୁଟୀର ଶିଳ୍ପ । ପଲ୍ଲୀମଣିଷ ମୁଣ୍ଡ ଝାଳ ତୁଣ୍ଡରେ ମାରି କ୍ଷେତରେ ଫଳାଉଥିଲା ସୁନା । ବର୍ଷ ତମାମ୍ ବାଡ଼ି ବଗିଚାରେ ଫଳୁଥିଲା ଜହ୍ନି, ଭେଣ୍ଡି, କାକୁଡ଼ି, ବାଇଗଣ ଆଦି ଟୋକେଇ ଟୋକେଇ ପରିବା । କମାରଶାଳ, କୁମ୍ଭାରଶାଳ ଓ ବଢ଼େଇଶାଳରେ କାରିଗର ପାଇଁ ବୟସ ଥିଲା ଦକ୍ଷତାର ପରିଚୟ । ହାତଗୋଡ଼ ଚଳୁଥିବା ପର୍ଯ୍ୟନ୍ତ ଉପାର୍ଜନ କରି ପାରୁଥିଲେ ଅଭିଜ୍ଞ ବୟସ୍କମାନେ । ଗାଁ ଲୋକଙ୍କ ଭିତରେ ଏବେ ସେ କର୍ମପ୍ରବଣତା ଆଉ ନାହିଁ । ଗାଁ ଲୋକେ ହରେଇ ବସିଲେଣି ପୂର୍ବର ସେ କର୍ମ କୁଶଳତା । କେହିକେହି ଭୁଲି ଗଲେଣି ତାଙ୍କ କୌଳିକ ବୃତ୍ତି । ଗାଁରେ ଲୋକଙ୍କୁ ଏବେ ବିବେକହୀନ ଓ ପରାଶ୍ରୟୀ କରି ଦେଲାଣି ବିନା ପରିଶ୍ରମରେ ଅନେକ କିଛି ଭୋଗ କରିବାର ନିଶା । ଭୌତିକ ବିକାଶ ଦୃଷ୍ଟିରୁ ଗାଁ ତ ବହୁତ ଆଗକୁ ଯାଇଛି, ହେଲେ ଆତ୍ମସ୍ୱାର୍ଥ ପାଖରେ ବନ୍ଧା ପଡ଼ିଯାଇଛି ସାମୂହିକ କଲ୍ୟାଣ ଓ ସହଯୋଗ ମନୋବୃତ୍ତି । ଭୋଟ ରାଜନୀତିକୁ କେନ୍ଦ୍ର କରି ଗାଁରୁ ହଜିଗଲାଣି ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ । ଆଉ ନାହିଁ ପଲ୍ଲୀ ଜୀବନବୋଧର ନୈସର୍ଗିକ ଦ୍ୟୁତି । ବୃକ୍ଷଶୂନ୍ୟ ଗାଁ ଏବେ ଫୁଙ୍ଗୁଳା ଦିଶୁଛି ଠିକ୍ ଓଢ଼ଣି ନଥିବା ମା'ର ମଥା ପରି । ଗାଁରେ ଆଉ ଅନୁଭବ କରି ହେଉନି ନୁଆଁଣିଆ ଚାଳଘରର ଶୀତଳତା । ଦେଖିବାକୁ ବି ମିଳୁନି ବୁନିଆଦିର ସଂକେତ ନେଇ ଠିଆ ହୋଇଥିବା ପାଞ୍ଚଶେଣିଆ ଓ ସାତସେଣିଆ ଆଟୁଘର, ଯେଉଁ ଘରର ଦାଣ୍ଡପାଖ ଯାଉଁଳି କବାଟରେ ଖୋଦେଇ ହୋଇଥିବା ଆଳଙ୍କାରିକ ଚିତ୍ର ଦେଖି ଦଣ୍ଡେ ଅଟକି ଯାଉଥିଲେ ବାଟଗଲା ଲୋକେ । ଚାଳଘର ସବୁ ଉଚ୍ଚ ଅଟ୍ଟାଳିକାରେ ପରିଣତ ହୋଇଛି ସତ, ହେଲେ ସେ ଘରେ ଆଉ ଆଗପରି ନା ଅଛି ପରସ୍ପର ମଧ୍ୟରେ ସ୍ନେହ, ମମତାର ବନ୍ଧନ ନା ପର୍ବପର୍ବାଣି ଅବସରରେ ସାରା ପରିବାର ଏକାଠି ହେବାର ଉତ୍ସୁକତା । ଦିନେ ଯେଉଁ ଘରେ ମା'ର କାମ ସରୁ ନଥିଲା, ଜେଜେଙ୍କ ମୁରବିପଣିଆ ସରୁ ନଥୁଲା, ବଡ଼ବାପାଙ୍କ ବ୍ରହ୍ମଜ୍ଞାନ ସରୁ ନଥୁଲା, ପିଲାଙ୍କ କୋଳାହଳ ସରୁ ନଥିଲା, ସେ ଘରେ ଏବେ ଉପୀଡ଼କ ନିଃସଙ୍ଗତା । ପର ଲାଗିବା ମାତ୍ରେ ପିଲାମାନେ ଉଡ଼ି ଯାଉଛନ୍ତି ନିଜେ ନିଜ ବାଟରେ । ପରିବର୍ତ୍ତିତ ଗ୍ରାମ୍ୟ ଜୀବନଧାରାରେ ପୁଅ ଉପରେ ଆଉ ରହୁନି ବାପର କର୍ତ୍ତୃତ୍ୱ । ମା'ହାତରୁ ଖସି ଗଲାଣି ଝିଅକୁ ଶୃଙ୍ଖଳା ଓ ସଙ୍ଗଣା ଶିଖାଇବାର ଦାୟିତ୍ୱ ବଦଳି ଯାଇଛି ଗାଁର ମରହଟ୍ଟା ଚେହେରା । ଚୁଲିକି ଗଲାଣି ସଂସ୍କାର ସଂସ୍କୃତି । ଆଗରୁ ଗାଁରେ କିଏ ମଦ ପିଉଛି ବୋଲି ଜଣାପଡ଼ିଲେ ପଞ୍ଚାୟତ ବସେଇ ତା' ପରିବାରକୁ ନିଆଁ ପାଣି ଅଟକ କରୁଥିଲେ ଗାଁ ମୁରବିମାନେ । ଏପରିକି ମଦ ଖାଉଥିବା ଯୁବକକୁ କନିଆ ମିଳିବା ଥିଲା କଷ୍ଟ । ଏବେ ମଦ ନ ପିଇଲେ ବରଯାତ୍ରୀ ଯିବାକୁ ରାଜି ହେଉ ନାହାନ୍ତି କେହି । ଏକାସାଙ୍ଗରେ ବସି ମଦ ପିଇଲେଣି ବାପ ପୁଅ ଓ ଭାଇ ଭାଇ । ଶବ ଉଠିଲା ବେଳେ ବି ଖୋଜା ଗଲାଣି ମଦ। ଗାଁ ଥିଲା ଶାନ୍ତି ଓ ସୌହାର୍ଦ୍ଦର ମୂଳପିଣ୍ଡ । ସେ ଗାଁ ମାଟିକୁ ଏବେ କଳୁଷିତ ଓ କାଳିମାମୟ କରି ଦେଇଛି ଭୋଟ ରାଜନୀତି । ଗାଁରେ ଆଉ ଭାଗବତ ପଢ଼ା ଯାଉନି କି ପର୍ବପର୍ବାଣିରେ ପଡ଼ୋଶୀଙ୍କ ଭିତରେ ଦିଆ ନିଆ ହେଉନି ପିଠାପଣା । ଭୌତିକ ବିକାଶ ଦୃଷ୍ଟିରୁ ଗାଁ ଆଗକୁ ଯାଇଛି ସତ, ହେଲେ ଗାଁରୁ ହଜି ଯାଇଛି ଭାଇଚାରା । ସହାବସ୍ଥାନ କୌଶଳ ।



# ଶରୀରକୁ ବଶରେ ଆଣିବା

## ମହାତ୍ମା ଗାନ୍ଧୀ

**ଭ**ଗବତ୍-କରୁଣାର ଫଳସ୍ୱରୂପ ହୋଇ ନଥିଲେ, ଉପବାସକୁ ଆଉ ଅଧିକ କିଛି ନ କହିଲେ ମଧ କେବଳ ଏକ ନିରର୍ଥକ ଖାଦ୍ୟବର୍ଜନ ବୋଲି କୁହାଯିବ ।

ମାନସିକ ଦୃଷ୍ଟିକୋଣ ହିଁ ସବୁ କିଛି ବୋଲି ମୁଁ ଜାଣିଛି । ଠିକ୍ ଯେପରି ପ୍ରାର୍ଥନାରେ ଆମେ ଗୋଟିଏ ଚଢ଼େଇପରି ଶବ୍ଦଗୁଡ଼ିକୁ ଯନ୍ତ୍ରବତ୍ ଗଳଗଳ ଗାଇଯାଇ ପାରିବା, ସେହିପରି ଉପବାସ ଦ୍ୱାରା ହୁଏତ ଶରୀରକୁ ଯନ୍ତ୍ରବତ୍ କଷ୍ଟ ଦେଇପାରିବା ।... ଏଥିରୁ କୌଣସିଟି ଭିତରେ ରହିଥିବା ଆତ୍ମାକୁ ଆଦୌ ସ୍ପର୍ଶ କରି ପାରିବନାହିଁ ।

ମୁଁ ଦୃଢ଼ଭାବରେ ବିଶ୍ୱାସ କରେ ଯେ, ଶରୀରକୁ ବଶ କରି ରଖିବାର ସମାନୁପାତ ଭାବରେ ହିଁ ଆତ୍ମାର ଶକ୍ତିରେ ବୃଦ୍ଧି ଘଟିଥାଏ ।

ଶରୀର ଯେତେବେଳେ ବିଦ୍ରୋହ କରିବାକୁ ଆରମ୍ଭ କରେ, ସେତେବେଳେ ତାହାର ଦମନ ଜଣେ ବ୍ୟକ୍ତି ଲାଗି ଏକ ଆବଶ୍ୟକତାରେ ପରିଣତ ହୋଇଥାଏ । ମାତ୍ର ଶରୀର ଯେତେବେଳେ ବଂଶକୁ ଆସିଯାଏ ଓ ସେବକରୂପେ ବ୍ୟବହୃତ ହୁଏ,ସେତେବେଳେ ତାହାକୁ ଏକ ପାପ ବୋଲି ହିଁ କୁହାଯିବ । ଅନ୍ୟ ଭାଷାରେ କହିଲେ, ଶରୀରକୁ ଦମନ କରି ରଖିବାରେ ଆଦୌ କୌଣସି ଅନ୍ତର୍ନିଷ୍ଠ ଗୁଣ ନ ଥାଏ ।

ଶରୀରକୁ ତା'ର ତୃପ୍ତିରୁ ନିବୃତ୍ତ କରି ରଖିବାଦ୍ୱାରା ଅବଶ୍ୟ କିଛି ଫଳ ମିଳିଥାଏ । ଶରୀରକୁ ଦମନ କରି ନପାରିଲେ ଭଗବାନଙ୍କୁ ମୁହାଁମୁହିଁ ଦେଖି ହୁଏନାହିଁ । ଭଗବାନଙ୍କର ଏକ ମନ୍ଦିର ହିସାବରେ ଶରୀର କ୍ଷେତ୍ରରେ ଯାବତୀୟ କର୍ମ କରିବା ଗୋଟିଏ କଥା ଏବଂ ଶରୀରକୁ କେବଳ ବାସନାତୃପ୍ତିର ଘରପରି ବିଚାର କରି ସେହି ଅନୁସାରେ ବିବିଧ କର୍ମରେ ଲିପ୍ତ ହୋଇ ରହିବା,ତାହା ଆଉ ଗୋଟିଏ କଥା ।

ମୋ' ନିଜର ଏବଂ ମୋ'ପରି ଝୁଙ୍କ୍ ରହିଥିବା ଅନ୍ୟମାନଙ୍କର ସମଗ୍ର ଅଭିଜ୍ଞତାରୁ ମୁଁ କୌଣସି କୁଣ୍ଠା ନରଖି କହୁଛି : (୧) ଯଦି ତୁମର ପରିଷ୍କାର ମଳତ୍ୟାଗ ହେଉନାହିଁ, ତେବେ ଉପବାସ କର ; (୨) ଯଦି ରକ୍ତହୀନତା ରହିଛି, ତେବେ ଉପବାସ କର ; (୩) ଯଦି ଜ୍ୱର ହେବାପରି ଲାଗୁଛି, (୪) ଯଦି ଖାଦ୍ୟ ହଜମ ହେଉନାହି, (୫) ଯଦି ମୁଣ୍ଡ ବଥାଉଛି, (୬) ଯଦି ଗଣ୍ଠିବାତ ରହିଛି, (୭) ଯଦି ଦେହରେ ବାତ ଦୋଷ ରହିଛି, (୮) ଯଦି ତୁମେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇପଡିଛ, (୯) ଯଦି ଭାରି ନିରାଶ ଲାଗୁଛି ଏବଂ (୧୦) ଯଦି ତୁମେ ଆନନ୍ଦରେ ଅତି ବିହ୍ୱଳ ହୋଇ ପଡିଛ, ତେବେ ଉପବାସ କର ।

ତୁମେ ଯାହାକୁ ଭଲ ପାଉଥବ, କେବଳ ତାହାରି ବିରୋଧରେ ତୁମେ ଉପବାସ କରିପାରିବ ତା'ଠାରୁ ତୁମର କୌଣସି ଅଧିକାର ଆଦାୟ କରିବାକୁ ନୁହେଁ, ମାତ୍ର ତାହାର ଆଚରଣରେ କୌଣସି ସୁଧାର ଆଣିବାପାଇଁ ତୁମେ ଉପବାସ କରିବ । ଉଦାହରଣ ସ୍ୱରୂପ, ଜଣେ ମଦ୍ୟପ ପିତା ପାଇଁ ତାର ପୁଅ ଉପବାସ କରିପାରିବ । ବମ୍ବେରେ ଓ ତା'ପରେ ବନ୍ଦୋଳିରେ ମୁଁ ଯେଉଁ ଉପବାସ କରିଥିଲି, ତାହା ସେହି ପ୍ରକାରର ଉପବାସ ଥିଲା । ଯେଉଁମାନେ ମୋତେ ଭଲ ପାଉଥିଲେ, ସେହିମାନଙ୍କ ଭିତରେ କେତେକ ସୁଧାର ଆଣିବାକୁ ମୁଁ ଉପବାସ କରିଥିଲି । ମାତ୍ର, ଉଦାହରଣ ସ୍ୱରୂପ, ମୁଁ ଜେନେରାଲ ଡାୟାରଙ୍କର ସୁଧାର ଲାଗି ଆଦୌ ଉପବାସ କରିବି ନାହିଁ, କାରଣ ସେ ମୋତେ କେବଳ ଯେ ଭଲ ନପାଆନ୍ତି ତାହା ନୁହେଁ, ନିଜକୁ ମୋ'ର ଶତ୍ରୁ ବୋଲି ମଧ ଭାବନ୍ତି ।

କାହାକୁ ବାଧ କରିବାପାଇଁ ଯେ ପ୍ରକୃତରେ ଉପବାସ କରାଯାଇପାରେ, ସେକଥା ଅସ୍ୱୀକାର କରି ହେବନାହିଁ । କୌଣସି ସ୍ୱାର୍ଥପ୍ରଣୋଦିତ ଉଦ୍ଦେଶ୍ୟ ହାସଲ କରିବାପାଇଁ ଏଭଳି ଉପବାସମାନ କରାଯାଇଥାଏ । କୌଣସି ବ୍ୟକ୍ତିଠାରୁ ଟଙ୍କା ଆଦାୟ କରିବାକୁ କିମ୍ବା ସେହିପରି କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟସାଧନ କରିବାକୁ ଯଦି ଉପବାସ କରାଯାଏ, ତେବେ ତାହାକୁ ବାଧ କରିବା ବା ଅନୁଚିତ ପ୍ରଭାବ ପକାଇବାକୁ ଚେଷ୍ଟା କରିବା ବୋଲି କୁହାଯିବ । ଏପରି ଅନୁଚିତ ପ୍ରଭାବ ପକାଇବାରେ ପ୍ରତିରୋଧ କରିବାକୁ ପରାମର୍ଶ ଦେବାପାଇଁ ମୁଁ ଆଦୌ କୁଣ୍ଠିତ ହେବନାହିଁ ।

ମୋ' ବିରୋଧରେ ଯେଉଁସବୁ ଉପବାସ କରାଯାଇଛି କିମ୍ବା ଯେଉଁସବୁ ଉପବାସ କରିବାର ଧମକ ଦିଆଯାଇଛି, ମୁଁ ନିଜେ ସଫଳତାର ସହିତ ସେଗୁଡିକର ପ୍ରତିରୋଧ କରିଆସିଛି । ଏକ ସ୍ୱାର୍ଥପ୍ରଣୋଦିତ ଲକ୍ଷ୍ୟ ଓ ସ୍ୱାର୍ଥମୁକ୍ତ ଲକ୍ଷ୍ୟ ମଧରେ ରହିଥିବା ବିଭାଜକ ରେଖାଟି ଅନେକ ସମୟରେ ଅତ୍ୟନ୍ତ ଅସ୍ପଷ୍ଟବୋଲି ଯଦି ଯୁକ୍ତି କରାଯାଏ, ତେବେ ମୁଁ ଏତିକି କହିବି ଯେ ଯିଏ ନିଜ ଉପବାସର ଲକ୍ଷ୍ୟଟିକୁ ସ୍ୱାର୍ଥପ୍ରଣୋଦିତ କିମ୍ବା ଅନ୍ୟ କୌଣସି ପ୍ରକାରର ବୋଲି ବିଚାର କରୁଛି, ତା'ଦ୍ୱାରା ଉପବାସ କରିବାର ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼ିବାର ଆଶଙ୍କା ରହିଥିଲେ ମଧ ସେ ତଥାପି ସାହସର ସହିତ ଉପବାସ ପାଖରେ ମସ୍ତକ ନତ କରିବାକୁ ନାହିଁ କରିଦେବ । ସେମାନଙ୍କର ମତରେ ଅଯୋଗ୍ୟ କାରଣରେ କରାଯାଉଥିବା ଉପବାସଗୁଡିକୁ ଆଦୌ କୌଣସି ଧ୍ୟାନ ନଦେବାର ଅଭ୍ୟାସଟିର ଅନୁଶୀଳନ କରାଯାଇ ପାରିଲେ, ସେହିସବୁ ଉପବାସର ଆଉ ବାଧ କରିବାର କିମ୍ବା ଅଯଥା ପ୍ରଭାବ ପକାଇବାର କୌଣସି ଦୋଷ ଆଦୌ ରହିବନାହିଁ ।

ମନୁଷ୍ୟ ଜୀବନରେ ଯାବତୀୟ ଅନୁଷ୍ଠାନ ପରି ଉପବାସକୁ ଆମେ ଉଭୟ ବୈଧ ଅଥବା ଅବୈଧଭାବରେ ବ୍ୟବହାର କରିପାରିବା । ମାତ୍ର ସତ୍ୟାଗ୍ରହ ଅସ୍ତ୍ରଭଣ୍ଡାରରେ ଏକ ବୃହତ୍ ଅସ୍ତ୍ରରୂପେ, ତାହାର ଅପବ୍ୟବହାର ହେବାର ଆଶଙ୍କା ରହିଛି ବୋଲି ତାହାକୁ କଦାପି ବର୍ଜନ କରାଯାଇ ପାରିବନାହିଁ । ଉପବାସ ନାମକ ଅସ୍ତ୍ରଟିକୁ ଆମେ କଦାପି ହାଲୁକାଭାବରେ କାମରେ ଲଗାଇ ପାରିବା ନାହିଁ, ମୁଁ ସେ କଥା ଜାଣିଛି । ସେହି କଳାରେ ନିପୁଣ ଜଣେ ବ୍ୟକ୍ତି ତାହାର ପ୍ରୟୋଗ ନକଲେ ସେଥିରୁ ଅତ୍ୟନ୍ତ ସହଜରେ ଘୃଣାର ଗନ୍ଧ ଆସିବାର ସମ୍ଭାବନା ମଧ ରହିଛି । ଏହି ବିଷୟରେ ମୁଁ ଆପଣାକୁ ଜଣେ ନିପୁଣ କଳାକାର ବୋଲି ଦାବି କରୁଛି ।

## ଯନ୍ତ୍ରଣାରୁ ଉପଶମ ଦେବ ଲଙ୍କା



ବିଶେଷଜ୍ଞ ଦଳ ମତ ପ୍ରକାଶ କରିଛନ୍ତି ଲଙ୍କା ଖାଇଲେ ଶରୀରରୁ ବିଭିନ୍ନ ରୋଗର ଉପଶମ ହୁଏ । ଆମେରିକୀୟ ଗବେଷକ ଦଳ ଏଭଳି ତଥ୍ୟ ପ୍ରକାଶ କରିଛନ୍ତି । କଞ୍ଚା ଲଙ୍କାରେ ଟାନ୍ସ କ୍ୟାପସେନିନ୍ ତତ୍ତ୍ୱ ଅଛି । ଆଣ୍ଠୁଗଣ୍ଠି ଦରଜକୁ ବୃଦ୍ଧି କରୁଥିବା ଫାଇବରକୁ ପ୍ରତିହତ କରିବାରେ ଏହି ତତ୍ତ୍ୱ ସହାୟକ ହୋଇଥାଏ । ଏଇ ସବୁ ତତ୍ତ୍ୱକୁ ଲକ୍ଷ୍ୟ କରିବା ପରେ ତାକୁ ସଂଗ୍ରହ କରାଯାଇ ଏକ ଇଞ୍ଜେକସନ୍ ପ୍ରସ୍ତୁତ ହୋଇଛି । ପରୀକ୍ଷାମୂଳକ ଭାବରେ ଆଣ୍ଠୁଗଣ୍ଠି ସମସ୍ୟା ସହ ଜଡ଼ିତ କେତେକ ରୋଗୀଙ୍କୁ ଏହି ଇଞ୍ଜେକସନ୍ ଦିଆଯାଇଥିଲା । କେଇ ସପ୍ତାହ ପରେ ସେମାନେ କେତେକାଂଶରେ ଉପଶମ ଲାଭ କରିଥିବାର ପରୀକ୍ଷାରୁ ଜଣାପଡ଼ିଛି ।

# ସ୍ୱର୍ବେଦ

ଅଗିନ ତାପ ସବ ନହିଁ ସହେ,
ସହ ନ ଖଙ୍ଗ ସବ ଓ୍ୱାର ।
ପର ପଥ ପର ସବ ନହିଁ
ଚଢ଼େ, ଚଢ଼ ଓ୍ୱିରଲା ଗୁରୁ ପ୍ୟାର
।।୩୨।।

ଭାଷ୍ୟ -ଯେମିତି ଅଗ୍ନିର ତାପକୁ ସମସ୍ତେ ସହ୍ୟ କରି ପାରନ୍ତି ନାହିଁ କିମ୍ବା ଶସ୍ତ୍ରର ଧାରକୁ ସମସ୍ତେ ସମ୍ଭାଳି ପାରନ୍ତି ନାହିଁ, ସେହି ପ୍ରକାର ପ୍ରକୃତିପାର ବିହଙ୍ଗମ ପଥରେ ସମସ୍ତେ ଅଗ୍ରସର ହୋଇ ପାରନ୍ତି ନାହିଁ । କେହି ଅନନ୍ୟ ଶରଣ ସଦ୍‌ଗୁରୁ ପ୍ରିୟ ଶିଷ୍ୟ ହିଁ ଏହି




ବିହଙ୍ଗମ ମାର୍ଗରେ ଅଗ୍ରସର ହୋଇ ଅନୁଭବ ବୋଧ ଶାନ୍ତିକୁ ପ୍ରାପ୍ତ ହୋଇଥାନ୍ତି ।

ଜିଓ୍ୱନ ମରଣ କୋ ଜୋ ଡରେ,
ତାକର ନହିଁ ୟହ କାମ ।
ମୃତକ ଚଢ଼େ ଗୁରୁ ଧାର ପର,
ଓ୍ୱହ ପାଓ୍ୱେ ସତ୍ୟ ନାମ ।।୩୩।।

ଭାଷ୍ୟ - ଜୀବନ ମରଣକୁ ଭୟ କରୁଥିବା ବ୍ୟକ୍ତି ଆଧ୍ୟାତ୍ମ ପଥରେ ଅଗ୍ରସର ହୋଇ ପାରନ୍ତି ନାହିଁ । ଜୀବନ ଥାଇ ସୁଦ୍ଧା ମୃତବତ୍ ହୋଇ ସଂସାରର ସମସ୍ତ କାମନା ଏବଂ ବାସନାକୁ ତ୍ୟାଗକରି କେହି ସଦ୍‌ଗୁରୁ ମାର୍ଗକୁ ତୀକ୍ଷ୍ଣଧାରରେ ଚଢ଼ି ସତ୍ୟନାମ ସତ୍ ପୁରୁଷଙ୍କୁ ପ୍ରାପ୍ତ ହୋଇଥାଏ ।

ଦୁର୍ଲଭ ସଦ୍‌ଗୁରୁ ପନ୍ଥ ହୈ,
ଭାଗ୍ୟଓ୍ୱାନ ନର ପାୟ ।
ଦେଓ୍ୱ ସଦାଫଲ ହରି କୃପା,
ତବ ଅମରାପୁର ଜାୟ ।।୩୪।।

ଭାଷ୍ୟ - ସଦ୍‌ଗୁରୁଙ୍କର ପଥ ଦୁର୍ଲଭ ଅଟେ । ଭାଗ୍ୟବାନ ଜନ ହିଁ ସଦ୍‌ଗୁରୁଙ୍କର କୃପାରୁ ବ୍ରହ୍ମପୁରୀ ଅମୃତଲୋକକୁ ପ୍ରାପ୍ତ ହୋଇଥାନ୍ତି ।

।।ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ, ଷଷ୍ଠ ଅଧ୍ୟାୟ ଭାଷ୍ୟ ସମାପ୍ତ ।।

# ଲବଙ୍ଗର ଔଷଧୀୟ ଗୁଣ



ଲବଙ୍ଗରେ ଆଣ୍ଟିଇନ୍‌ଫ୍ଲେମେଟ୍ରି ଓ ମଧୁମେହ ବିରୋଧୀ ଗୁଣ ରହିଥାଏ । ଏହି ଔଷଧୀୟ ଗୁଣ ଯୋଗୁଁ ଲବଙ୍ଗ ଶରୀର ପାଇଁ ଲାଭକାରୀ । ଏଥିରେ ମାଙ୍ଗାନିଜ୍, ଫାଇବର ଓ ଭିଟାମିନ୍ ସି ରହିଛି । ତେଣୁ ମସଲାରେ ଲବଙ୍ଗ ସାମିଲ କରିବା ଉଚିତ । ଲବଙ୍ଗରେ ଥିବା ୟୁଜେନଲ ଦାନ୍ତ ଦରଜ ଦୂର କରିଥାଏ । ଦାନ୍ତ ଦରଜରୁ ମୁକ୍ତି ପାଇବା ପାଇଁ ପାଟିରେ ଅଳ୍ପ କିଛି ଲବଙ୍ଗ ରଖନ୍ତୁ । ଲବଙ୍ଗ ଡାଇବିଟିସ୍ ସହ ଲଢ଼ିବାରେ ସହାୟକ ହୋଇଥାଏ । ଏଥିରେ ଥିବା ନାଇଜେରିସିନ୍ ନାମକ ଯୌଗିକ ଇନସୁଲିନ୍ ଉତ୍ପାଦନ ବୃଦ୍ଧି କରିଥାଏ । ଏହା ରକ୍ତରେ ସୁଗର୍ ସ୍ତର ନିୟନ୍ତ୍ରଣ ରଖିଥାଏ । ଲବଙ୍ଗ ତେଲ ତ୍ୱଚା ଓ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ । ଏଥିରେ ଆଣ୍ଟିବ୍ୟାକ୍ଟେରିଆ ଓ ଆଣ୍ଟିଫଙ୍ଗଲ୍ ଗୁଣ ରହିଛି ଯାହା ସଂକ୍ରମଣ ହେବାରୁ ବଞ୍ଚାଇଥାଏ । ଲବଙ୍ଗରେ ଥିବା ଫାଇବର୍ ପାଚନରେ ସହାୟତା କରିଥାଏ । ଲବଙ୍ଗ ତେଲ ବି ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରପୂର ।

# ମହାଦେବଙ୍କ ପରିପାଟୀର ତାତ୍ପର୍ଯ୍ୟ

ଦେବ ଦେବ ମହାଦେବ ଅନ୍ୟ ସମସ୍ତ ଦେବଦେବୀଙ୍କ ଠାରୁ ଅନନ୍ୟ । ତାଙ୍କର ବେଶଭୂଷା ନିଆରା । ଅତିସରଳ ପୁଣି ପ୍ରକୃତିସହ ଜଡ଼ିତ । ଯାହାକୁ ସଂସାରବାସୀ ଭୀତିପ୍ରଦ ବୋଲି ମନେକରନ୍ତି, ଶିବ ସେସବୁକୁ ସାଦରେ ନିଜର କରିନେଇଛନ୍ତି । ଯେପରି ମଥାରେ ଜଟା,ଗଳାରେ ସର୍ପ,ବ୍ୟାଘ୍ରଚର୍ମକୁ ବସ୍ତ୍ର କରିଥିବାବେଳେ ଆପାଦମସ୍ତକ ଭସ୍ମ ଲେପିତ । ସେ ତ୍ରିନେତ୍ର ଅଟନ୍ତି । ତାଙ୍କର ମୁଖ୍ୟ ଅସ୍ତ୍ର ତ୍ରିଶୂଳ । ନଟରାଜ ନୃତ୍ୟରତ ଥିବା ସମୟରେ ବଜାନ୍ତି ଡମ୍ବରୁ । ମା'ଗଙ୍ଗା ତାଙ୍କ ଜଟାରୁ ନିରନ୍ତର ପ୍ରବହମାନ । ଏସବୁ ବାହ୍ୟ ଦୃଷ୍ଟିରୁ ଅଦ୍ଭୁତ ମନେ ହେଉଥିଲେହେଁ ଏହାର ସୂକ୍ଷ୍ମଅର୍ଥ ତାତ୍ପର୍ଯ୍ୟପୂର୍ଣ୍ଣ ।

ଜଟା: ଶିବଙ୍କର ଜଟା ମନ,ଶରୀର ଏବଂ ଆତ୍ମାର ମିଳନକୁ ବୁଝାଏ । ଏହି ତିନି ତତ୍ତ୍ୱ ଏକୀଭୂତ ହେଲେ ବ୍ୟକ୍ତି ମଧ୍ୟରେ ଦ୍ୱନ୍ଦରହେ ନାହିଁ । ନିରୋଗ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିପାରେ ।

ତୃତୀୟ ନେତ୍ର: ତୃତୀୟ ନେତ୍ରର ଯୌଗିକ ଅର୍ଥ ହେଲା ଭଗବାନ ଶିବ ତ୍ରିକାଳଦର୍ଶୀ । ଅତୀତ,ବର୍ତ୍ତମାନ ତଥା ଭବିଷ୍ୟତକୁ ଏକା ସମୟରେ ଦେଖିପାରନ୍ତି । ଅର୍ଥାତ୍ ସମସ୍ୟା ବାହ୍ୟତଃ ଯାହାହେଉନା କାହିଁକି ଏଥିରେ ହତବମ୍ବ ନହୋଇ ସବୁଦିଗରୁ ବିଚାର କରି ଅତିକ୍ରମ କରିବା ଉଚିତ୍ ବୋଲି ଏହା ବାର୍ତ୍ତା ଦିଏ ।

ତ୍ରିଶୂଳ: ଅହଂ ଉପରେ ନିୟନ୍ତ୍ରଣକୁ ବୁଝାଏ ତ୍ରିଶୂଳ । ଏହି ଦିବ୍ୟଅସ୍ତ୍ରର ତିନୋଟି ଭାଗ ତିନି ନାଡ଼ି (ଶକ୍ତି ସଂଚରଣର ମୁଖ୍ୟ ପଥ) ର ପ୍ରତୀକ ଅଟେ । ତିନି ନାଡ଼ି ହେଲେ- ଇଡା,ପିଙ୍ଗଳା ଓ ସୁଷୁମ୍ନା ।

ତିନିଗୁଣ - ସତ୍ତ୍ୱ,ରଜ,ତମର ପ୍ରତୀକ ମଧ୍ୟ ତ୍ରିଶୂଳ ।

ଭସ୍ମ: ଶିବଙ୍କର ଶରୀର ଭସ୍ମ ଲେପିତ । ଭସ୍ମ ସଂସାରର ଅଳୀକତାର ପ୍ରତୀକ । ସଂସାର କ୍ଷଣଭଙ୍ଗୁର ହୋଇଥିବାରୁ କୌଣସି ବିଷୟ ପ୍ରତି ଅତିଶୟ ମୋହ ଆମକୁ ପତନ ଆଡ଼କୁ ଟାଣିନିଏ ।

ନୀଳକଣ୍ଠ: ଶିବଙ୍କର ନୀଳକଣ୍ଠ ଆମକୁ କ୍ରୋଧ ଉପରେ ନିୟନ୍ତ୍ରଣ ରଖିବାକୁ ବାର୍ତ୍ତା ଦିଏ । କ୍ରୋଧକୁ ନିଜ ମଧ୍ୟରେ ସୀମିତ ରଖି ଶକ୍ତିକୁ ଗଠନମୂଳକ କାର୍ଯ୍ୟରେ ପ୍ରୟୋଗ କଲେ ଅସମ୍ଭବ ସମ୍ଭବ ହୁଏ ।

ଡମ୍ବରୁ: ଶିବଙ୍କର ପ୍ରିୟ ବାଦ୍ୟ ଡମ୍ବରୁ । ଏହା ମନର ଶାନ୍ତ ଅବସ୍ଥାର ପ୍ରତୀକ । ମନକୁ ସମସ୍ତ କାମନାବାସନାରୁ ମୁକ୍ତ କରି ଶାନ୍ତ ରଖିଲେ ଶରୀର ରୋଗମୁକ୍ତ ରହିବ ।

ସର୍ପ: ଶିବ ମଙ୍ଗଳମୟ । ଗଳାରେ ଭୟଙ୍କର ସର୍ପକୁ ଗୁଡ଼ାଇହୋଇ ଆମକୁ ବାର୍ତ୍ତା ଦିଅନ୍ତି ଯେ ସେ ଉଭୟ ମୃତ୍ୟୁ ତଥା ଭୟର ନିୟନ୍ତ୍ରକ ଅଟନ୍ତି । ସର୍ପ ମଧ୍ୟ ଅହଂର ପରିସମାପ୍ତିକୁ ବୁଝାଏ । ଅହଂର ବିନାଶ ଦ୍ୱାରା ବ୍ୟକ୍ତି ମୁକ୍ତ ରହିପାରେ ।

କମଣ୍ଡଳୁ: ଶ୍ରେଷ୍ଠ ତପସ୍ୱୀ ଶିବ । ସମସ୍ତ ନକରାତ୍ମକତାକୁ ବାହାରକୁ ଫିଙ୍ଗି ଦେଇ ସକରାତ୍ମକ ଚିନ୍ତା,ଚେତନାକୁ ଏକତ୍ରିତ କରି ରଖିବା ଉଚିତ୍ ବୋଲି ତାଙ୍କ କମଣ୍ଡଳୁ ଦର୍ଶାଇଥାଏ ।

# ବିକାର ମୁକ୍ତ ହିଁ ସାଧନା

## ଗୋପୀନାଥ ଷଡ଼ଙ୍ଗୀ

ଯିଏ ନିର୍ବିକାର ପୁରୁଷ, ମୁକ୍ତିର ବାଟ ଦେଖାଇବା ପାଇଁ କ୍ଷମତା ରହିଛି ସେହି ପରି ସଦଗୁରୁଙ୍କର ଆଶ୍ରୟ ଗ୍ରହଣ କରିବା ଉଚିତ । ଗୁରୁଙ୍କ ପାଖେ ପାଖେ ରହି ତାଙ୍କ ଚାଲିଚଳଣ ଅନୁକରଣ କଲେ ଯାଇ ତାଙ୍କରି ସହାୟତାରେ ଆମେ ତାଙ୍କ ପରି ଆଚରଣ କରି ଆମେ ଦିବ୍ୟ ଦର୍ଶନ କରି ପାରିବା । ଗୁରୁ କହନ୍ତି- ସ୍ଥୁଳ ଏବଂ ସୂକ୍ଷ୍ମ ମଧରେ କୌଣସି ପାର୍ଥକ୍ୟ ନାହିଁ । ପୁରୁଷାର୍ଥ ଦ୍ୱାରା ସିଦ୍ଧି ସମ୍ଭବ ନୁହେଁ, ଗୁରୁ କୃପା ଦ୍ୱାରା ସିଦ୍ଧି ସମ୍ଭବ । ଅର୍ଥ ଲାଳସାକୁ ପରିତ୍ୟାଗ କରି ଗୁରୁ ଆଜ୍ଞା ପାଳନରେ ତତ୍ପର ହେବା ଉଚିତ । ଯାହାର ଚିତ୍ତ ଭଗବତ୍ ମୁଖୀ ସେ ବାହ୍ୟରେ ସାଧାରଣ ଥିଲେ ମଧ ଆଧାତ୍ମିକ ସୁଖୀ ବୋଲି ଜାଣିବା । ଗୁରୁ କହନ୍ତି- ସିଦ୍ଧିର ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁଁ ଯାହା ଠିକ୍ ବୋଲି ଭାବୁଥିଲି ସିଦ୍ଧିଲାଭ ପରେ ତାହା ଭୁଲ ବୋଲି ପ୍ରମାଣିତ ହେଲା । ଗୁରୁ ଆଶୀର୍ବାଦ ପାଇବା ପାଇଁ ଗୁରୁ ଶିଷ୍ୟର ଯୋଗ୍ୟକୁ ନିରୀକ୍ଷଣ କରୁଥିଲେ । ନିଜ ସ୍ୱରୂପକୁ ଚିନ୍ତନ ନ କର । ଅସମ୍ଭବ ଶବ୍ଦ ବ୍ୟବହାର କରିବା ପାପ । ଭଗବତ୍ କରୁଣାରୁ ଅସମ୍ଭବ ବି ସମ୍ଭବ ହୋଇ ପାରେ ।

ଜଗତର କଲ୍ୟାଣ ପାଇଁ କର୍ମ କରିବା ହେଉଛି ସାଧନା । ବିଶ୍ୱରେ କେହି କାହାକୁ ପ୍ରେମ କରନ୍ତି ନାହିଁ । ଆମେ ନିଜକୁ ହିଁ ନିଜେ ପ୍ରେମ କରୁଛୁଁ । ମୋ ଭିତରେ ଯେ ଅଛନ୍ତି ସମସ୍ତଙ୍କ ଭିତରେ ସେ ହିଁ ଅଛନ୍ତି । ତାଙ୍କୁ ହିଁ ମୁଁ ପ୍ରେମ କରୁଛି । ନିର୍ବିକାର ମୁକ୍ତ ପୁରୁଷ ହୋଇ ସାଧନା କଲେ ଯାଇ ଭଗବତ୍ ପ୍ରାପ୍ତି ହେବ । ଅନ୍ୟର ବିଚାର ଧାରାକୁ ନେଇ ଭାବ ପୋଷଣ କରିବା ହେଉଛି ଅଜ୍ଞାନତା । ନିଜ ସ୍ୱରୂପରେ ସ୍ଥିତ ରହି ଏ ସଂସାର ମିଛ, ମାୟା ଗୁରୁ ହିଁ କେବଳ ସତ୍ୟ ବିଚାର ଧାରା ଭାବ ରଖି ଯେ, ସାଧନା କରେ ସେ ନିଶ୍ଚିତ ଭାବେ ସଫଳ ହେବ । ଯେ ସର୍ବଦା ନିଷ୍କଳଙ୍କ, ନିର୍ଭୟ, ଯାହାଙ୍କର ମାନ, ଅପମାନ କିଚି ନ ଥାଏ ସେ ଗୁରୁ ପଦବାଚ୍ୟ । ପ୍ରକୃତ ସିଦ୍ଧ ପୁରୁଷ ସେ ଯାହାଙ୍କ ଭେଦାଭେଦ ଜ୍ଞାନ ନ ଥାଏ, ନିର୍ବିକାର ସ୍ଥିତିରେ ଥାନ୍ତି । ଏବୁ ଗୁରୁ କହନ୍ତି- ବିକାର ମୁକ୍ତ କର୍ମ ଏବଂ ବ୍ରହ୍ମାବଶ କରିଥିବା କର୍ମ ସାଧନା ଅଟେ ।

**ପ୍ରଧାନପଡ଼ା, ସମ୍ବଲପୁର**

# ବହୁ ଉପକାରୀ କଞ୍ଚା ଅମୃତଭଣ୍ଡା

କଞ୍ଚା ଅମୃତଭଣ୍ଡା ଆମ ଶରୀର ପାଇଁ ବହୁତ ଲାଭକାରୀ ହୋଇଥାଏ । ଏଥିରେ ଭିଟାମିନ୍



ଏ, ସି, ଓ ଇ ଭରପୁର ମାତ୍ରାରେ ଥାଏ । ସେହିପରି କଞ୍ଚା ଅମୃତଭଣ୍ଡା ଥଣ୍ଡା, କାଶ ଓ ଇନଫେକ୍ସନ୍ ସହିତ ମଧ ଲଢ଼ିଥାଏ । ପରିସ୍ରା ସମ୍ପର୍କିତ ସମସ୍ୟାଗୁଡିକ କଞ୍ଚା ଅମୃତଭଣ୍ଡା ଖାଇବା ଦ୍ୱାରା ଦୂର ହୋଇଥାଏ । କଞ୍ଚା ଅମୃତଭଣ୍ଡା ଶରୀରକୁ ବ୍ୟାକ୍ଟେରିଆ ସଂକ୍ରମଣରୁ ରକ୍ଷା କରିବାରେ ସହାୟକ ହୋଇଥାଏ ।

# ଭୋକ ବଢ଼ାଏ ସୂର୍ଯ୍ୟାଲୋକ

ସଦ୍ୟତମ ଅନୁଧାନରୁ ଜଣାପଡ଼ିଛି, ମନୁଷ୍ୟ ଶରୀରରେ କ୍ଷୁଧା ଉଦ୍ରେକ କରୁଥିବା ଏକ ପ୍ରକାର ହରମୋନ୍ କ୍ଷରଣରେ ସୂର୍ଯ୍ୟାଲୋକ ସହାୟକ ହୋଇଥାଏ । ବିଶେଷ କରି ପୁରୁଷମାନଙ୍କ ଠାରେ ସୂର୍ଯ୍ୟ ଆଲୋକ ଅଧିକ ପ୍ରଭାବଶାଳୀ ବୋଲି ବିଶେଷଜ୍ଞ ଦଳ ଜଣାଇଛନ୍ତି । ଅତିବାଇଗଣୀ ରଶ୍ମି



ମନୁଷ୍ୟ ଶରୀରରେ କେଉଁ ଭଳି ପ୍ରଭାବ ପକାଇଥାଏ, ସେଇ ଗବେଷଣା ସମ୍ପର୍କରେ ଅନୁଧାନ କରିବା ସମୟରେ ଏହି ତଥ୍ୟ ସାମ୍ନାକୁ ଆସିଛି । ଉଭୟ ପୁରୁଷ ଓ ମହିଳାଙ୍କୁ ଗବେଷଣାରେ ସାମିଲ କରାଯାଇଥିଲା । କିନ୍ତୁ ପୁରୁଷଙ୍କ ଠାରେ ଭିନ୍ନ ଲକ୍ଷଣ ଦେଖାଦେବାରୁ ବିଶେଷଜ୍ଞ ଦଳ ଅଧିକ ଗୁରୁତ୍ୱର ସହ ଅନୁସନ୍ଧାନ କଲେ । ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସିଲେ ପୁରୁଷଙ୍କ ପାକସ୍ଥଳୀରେ ଝରୁଥିବା ଘ୍ରେଲିନ ନାମକ ହରମୋନ୍ କ୍ଷରଣ ତ୍ୱରାନ୍ୱିତ ହୁଏ । ମନରେ କ୍ଷୁଧାଭାବକୁ ବ ଢ଼ା ଇବାରେ ଏଇ ଘ୍ରେଲିନ୍‌ର ଭୂମିକା ସ ବୁଠୁ ଅଧିକ । ଭୋକ ବଢ଼ିବା ପରେ ପୁରୁ ଷ ମାନେ ଅଧିକ ଖାଆନ୍ତି ଓ ସେମାନଙ୍କ ଓଜନ ବଢ଼େ । ତେଲ୍ ଅଭିଭ୍ ବିଶ୍ୱବିଦ୍ୟାଳୟର ଗବେଷକଦଳ ଦୁଇ ବର୍ଷ ଅନୁଧାନ କ ରି ବା ପରେ ଏହି ରୋଚକ ତଥ୍ୟ ପ୍ରକାଶ କରିଛନ୍ତି ।

# ସ୍ୱାସ୍ଥ୍ୟୋପକାରୀ କ୍ଷୀର

ପ୍ରତିଦିନ କ୍ଷୀର ପିଇଲେ ତାହା ଅସ୍ଥିକୁ ମଜଭୁତ କରିଥାଏ । ଶରୀରରେ ଜଳୀୟ ଅଂଶକୁ କ୍ଷୀର ସନ୍ତୁଳିତ ରଖିଥାଏ । ଦୈନନ୍ଦିନ କ୍ଷୀର ପିଇଲେ ତାହା ଚର୍ମରେ ଚମକ ଆଣିଥାଏ ଏବଂ ଚର୍ମ ଶୁଷ୍କତା ଆଶଙ୍କା ଅନେକାଂଶରେ ଦୂର କରିଥାଏ ।



କ୍ଷୀର ପିଇବା ଦ୍ୱାରା ପେଟରେ ଏସିଡିଟି ଆଶଙ୍କା କମ୍ ରହିଥାଏ ।

## ଟିକିଏ ହସନ୍ତୁ

ବସ୍ : ଆପଣ କ'ଣ ମୃତ୍ୟୁ ପରେ ପୁନର୍ଜନ୍ମ ହୁଏ ବୋଲି ବିଶ୍ୱାସ କରନ୍ତି ?
କର୍ମଚାରୀ : ହଁ ସାର୍ ।
ବସ୍ : କାଲି ଆପଣ ମା'ଙ୍କ ଶ୍ରାଦ୍ଧବାର୍ଷିକୀ ପାଇଁ ଛୁଟିରେ ଥିବା ବେଳେ ଆପଣଙ୍କୁ ଦେଖା କରିବାକୁ ଆପଣଙ୍କ ମା' ଅଫିସ୍ ଆସିଥିଲେ ।

× × ×

କର୍ମଚାରୀ : ସାର୍ କାଲି ମୁଁ ବିବାହବାର୍ଷିକୀ ପାଇଁ ଛୁଟିରେ ରହିବି ।
ବସ୍ : କିନ୍ତୁ ତାହା ତ ରାତିରେ ସେଲିବ୍ରେସନ୍ ହେବ । ଦିନରେ ଛୁଟି କ'ଣ ପାଇଁ ?
କର୍ମଚାରୀ : ସାର୍ ଦିନରେ ଶୋକ ଦିବସ ପାଳନ କରିବି ।

× × × × ×

ଶିକ୍ଷକ : କିରେ ଚିଣ୍ଟୁ ତୋ ମନଦୁଃଖ କାହିଁକି ?
ଚିଣ୍ଟୁ : ନା ସାର୍ ଠିକ୍ ଅଛି ।
ଶିକ୍ଷକ : ଆରେ ଲୁଚାଉଛୁ କାହିଁକି । ମତେ ସାଙ୍ଗ ଭାବି କହିଦେ ।
ଚିଣ୍ଟୁ : ଆରେ ସାଙ୍ଗ ତୋ ଝିଅ ଆଉ ମତେ ଆଗ ଭଳି ଭଲ ପାଉନି ।

× × × ×



ସ୍ତ୍ରୀ : କେବେ ଭାବିଛ କି ଦିନେ ମୁଁ ମରିଯିବି ।
ସ୍ୱାମୀ : ତା'ହେଲେ ମୁଁ ବି ମରିଯିବି ।
ସ୍ତ୍ରୀ : କିନ୍ତୁ କାହିଁକି ?
ସ୍ୱାମୀ : ଏତେ ଖୁସି ମୁଁ ସହି ପାରିବିନି ।

× × × × ×

ଗର୍ଲଫ୍ରେଣ୍ଡ୍: ତୁମର ଦୁଇଟା ଜିନିଷ ଛାଡ଼ିଦେଲେ ତୁମେ ବହୁତ ଭଲ ଡାନ୍ସର ବନିପାରିବ ।
ବଏଫ୍ରେଣ୍ଡ୍: କ'ଣ ସେ ଦୁଇଟ ଜିନିଷ ?
ଗର୍ଲଫ୍ରେଣ୍ଡ୍: ତୁମର ଦୁଇଟା ଗୋଡ଼ ।

× × × × ×

ସ୍ୱାମୀ ସ୍ତ୍ରୀ ଗୋଟିଏ ବଡ଼ ରେଷ୍ଟୋରାଁକୁ ଦିନର୍ କରିବାକୁ ଗଲେ ।
ସ୍ୱାମୀ: ଖାଇବା ବହୁତ ଡିଲିସିଅସ୍ ଦେଖାଯାଉଛି, ଚାଲ ଜଲଦି ଖାଇବା ।
ସ୍ତ୍ରୀ: ଡାର୍ଲିଙ୍ଗ୍, ତୁମେ ଖାଇବା ପୂର୍ବରୁ ସବୁବେଳେ ଠାକୁରଙ୍କୁ ଡାକ ଆଜି ଡାକିବନି ?
ସ୍ୱାମୀ: ସେଇଟା ମୁଁ ଘରେ କରେ ହେଲେ ଏଠି ସେଫ୍ ଜାଣିଛନ୍ତି କେମିତି ରୋଷେଇ ହୁଏ ।

× × × × ×

ଚିଣ୍ଟୁ: ଚାଲ ଆଜି ଫିଲ୍ମ ଦେଖିବାକୁ ଯିବା ।
ମିଣ୍ଟୁ: ଆରେ ନାଇଁ ଆଜି ମୋର ଡକ୍ଟରଙ୍କ ପାଖରେ ଆପଏଣ୍ଟମେଣ୍ଟ ଅଛି ।
ଚିଣ୍ଟୁ: ତୁ କ୍ୟାନସଲ କରି ଦେ । କହିବୁ ତୋର ଦେହ ଭଲ ନାହିଁ ।

## ଗୁଆଁରର ଉପକାରିତା

ଗୁଆଁର ଏକ ଶୀତଦିନିଆ ପରିବା, ଯାହାକି ବିନ୍ ପ୍ରଜାତିର । ଗାଁ ଗହଳିରେ ଗୁଆଁର ଅଧିକ ଦେଖିବାକୁ ମିଳୁଥିଲେ ବି ଏହାକୁ ଖାଇବାକୁ କେହି ବେଶି ପସନ୍ଦ କରି ନ ଥାନ୍ତି । ଗୁଆଁରରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ରହିଛି । ଯାହାକି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ।

ରକ୍ତହୀନତା ଦୂର: ଗୁଆଁରରେ ପ୍ରଚୁର ପରିମାଣର ଆଇରନ ରହିଥିବା ହେତୁ ଏହାକୁ ନିୟମିତ ଖାଇବା ଫଳରେ ଆନେମିଆ ରୋଗୀଙ୍କ ରକ୍ତହୀନତା ଦୂର ହୋଇଥାଏ । ଏଥିରେ ଥିବା ହିମୋଗ୍ଲୋବିନ୍ ରକ୍ତ ସମ୍ପ୍ରସାରଣ କରିବାରେ ତଥା ଲାଲ ରକ୍ତ ତିଆରି କରିବାରେ ସହାୟକ ହୋଇଥାଏ ।

**ମଧୁମେହ ନିୟନ୍ତ୍ରଣ:** ଗୁଆଁରରେ ଥିବା ପିତା ଅଂଶ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରିତ କରିବାରେ ସହାୟତା କରିଥାଏ । ସୁଗାର ରୋଗୀ ଗୁଆଁରକୁ ନିଶ୍ଚୟ ଖାଦ୍ୟରେ ସାମିଲ କରନ୍ତୁ ।

**ହୃଦ୍ ରୋଗୀଙ୍କ ପାଇଁ ଫଳପ୍ରଦ:** ହୃଦ ରୋଗୀଙ୍କ ପାଇଁ ଗୁଆଁର ରାମବାଣ ପରି କାମ କରିଥାଏ । ଏଥିରେଥିବା ପୋଟାସିୟମ୍ ଫାଇବର ହୃଦୟକୁ ସୁସ୍ଥ ରଖିଥାଏ ।

**ଅସ୍ଥି ମଜଭୁତ:** ଏଥିରେ ଥିବା ଫସଫରସ୍ ଓ କ୍ୟାଲସିୟମ ଅସ୍ଥି ପାଇଁ ଲାଭପ୍ରଦ, ଅସ୍ଥିକୁ ମଜଭୁତ କରିବା ସହିତ ସୁସ୍ଥ ରଖିଥାଏ ।

**ଗର୍ଭବତୀଙ୍କ ପାଇଁ ହିତକର:**



ଏଥିରେ ଫୋଲିକ୍ ଏସିଡ୍ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଗର୍ଭାବସ୍ଥା ସମସ୍ୟାକୁ ଦୂର କରିଥାଏ । ଗୁଆଁରରେ ଥିବା ଲୌହ ଓ କ୍ୟାଲସିୟମ ଗର୍ଭସ୍ଥ ସନ୍ତାନର ଅସ୍ଥିକୁ ମଜଭୁତ କରିବାରେ ସହାୟକ ହୋଇଥାଏ ।

**ଅବସାଦ ଦୂର କରେ:** ଗୁଆଁରରେ ଥିବା ହାଇପୋଗ୍ଲାଇସେମିକ୍ ଗୁଣ ମସ୍ତିଷ୍କ କୋଷିକାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏହି ବିଶେଷ କାରଣରୁ ଅବସାଦ ଓ ଚିନ୍ତା ମଧ ଲୋକଙ୍କର ଦୂର ହୋଇଥାଏ ।

ଉଚ୍ଚ ରକ୍ତଚାପ: ଗୁଆଁର ହାଇପୋଗ୍ଲାଇସେମିକ୍ ଓ ହାଇପୋଲାଇପିଡେମିକ୍ ଗୁଣ ରହିଥାଏ । ଯାହାକି ଉଚ୍ଚ ରକ୍ତଚାପ ଲୋକଙ୍କ ପାଇଁ ସବୁଠାରୁ ଉତ୍ତମ । ଉଚ୍ଚ ରକ୍ତଚାପ ସ୍ତରକୁ ନିୟନ୍ତ୍ରିତ କରିବାରେ ଗୁଆଁରର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ସ୍ୱାସ୍ଥ୍ୟ ପାଇଁ ଭଲ ପାଳଙ୍ଗ ଜୁସ୍

ସାଧାରଣତଃ ପାଳଙ୍ଗ ତରକାରି କିମ୍ବା ପରଟା କରି ଖାଇବାକୁ ଲୋକେ ଖୁବ୍ ପସନ୍ଦ କରିଥାନ୍ତି । କିନ୍ତୁ ପାଳଙ୍ଗ ଜୁସ୍ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ।

କେମିତି ଖାଇବେ: ପାଳଙ୍ଗ ଜୁସ୍ ପତଳା କରନ୍ତୁ ନାହିଁ । ନଚେତ ଏହାର ଫାଇବର ନଷ୍ଟ ହୋଇଯାଇଥାଏ ।

ରାସାୟନିକ ତତ୍ତ୍ୱ: ପାଳଙ୍ଗରେ ଭିଟାମିନ୍ ଏ, ବି, ସି, ଇ, କେ ଓ ବି-କମ୍ପ୍ଲେକ୍ସ ଉତ୍ତମ ମାତ୍ରାରେ ରହିଥାଏ । ଏଥି ସହିତ ଏଥିରେ ମାଙ୍ଗାନିଜ, କ୍ୟାରୋଟିନ୍, ଆଇରନ, ଆୟୋଡିନ୍, କ୍ୟାଲସିୟମ, ପୋଟାସିୟମ, ସୋଡିୟମ, ଫସଫରସ ଓ ଆମିନୋ ଏସିଡ୍ ରହିଛି ।

ପାଳଙ୍ଗରେ ଭିଟାମିନ୍‌ର ଉତ୍ତମ ମାତ୍ରା ରହିଥାଏ, ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଅସ୍ଥି ମଜଭୁତ ହୋଇଥାଏ ।

ପାଚନ କ୍ରିୟା ଉତ୍ତମ ହୋଇଥାଏ, ଫଳରେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାର କରିବାରେ ସହାୟକ ହୋଇଥାଏ । କବଜ ଦୂର କରେ ।

ଯଦି ତ୍ୱଚା ସହିତ ଜଡିତ କୌଣସି ସମସ୍ୟା ରହିଥାଏ ତେବେ ପାଳଙ୍ଗ ଜୁସ୍ ପିଇବା ଲାଭଦାୟକ । ପାଳଙ୍ଗ



ଜୁସ୍ ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ । କେଶ ପାଇଁ ଏହା ରାମବାଣ ପରି କାମ କରେ, କେଶକୁ ଉପୁଡିବାକୁ ଦିଏ ନାହିଁ ।

ଗର୍ଭାବସ୍ଥାରେ ମଧ ପାଳଙ୍ଗ ଜୁସ୍ ପିଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । ପାଳଙ୍ଗ ଜୁସ୍ ପିଇବା ଫଳରେ ଗର୍ଭବତୀଙ୍କ ଶରୀରରେ ଆଇରନ କମ୍ ହୋଇ ନ ଥାଏ ।

ଅଧ୍ୟୟନରେ କୁହାଯାଇଛି କି ପାଳଙ୍ଗରେ ଥିବା କ୍ୟାରୋଟିନ୍ ଓ କ୍ଲୋରୋଫିଲ୍ କ୍ୟାନସରରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ ଦୃଷ୍ଟି ଶକ୍ତି ଉତ୍ତମ ରହିଥାଏ ।

## ଆପଣ ଜାଣନ୍ତି କି ?

- ୩୧ ତମ ଅଲିମ୍ପିକ୍ସ କ୍ରୀଡ଼ା ପ୍ରତିଯୋଗିତାରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଆମେରିକା ପୁଣିଥରେ ଚାମ୍ପିଅନ ଦେଶ ସାବ୍ୟସ୍ତ ହୋଇଛି । ସର୍ବାଧିକ ପଦକରେ ଆମେରିକା ଅପ୍ରତିଦ୍ୱନ୍ଦ୍ୱୀ ହୋଇଥିବାବେଳେ ଚୀନ, ଜାପାନ ଭଳି ଏସୀୟ ଦେଶକୁ ପଛରେ ପକାଇ ଗ୍ରେଟ୍ ବ୍ରିଟେନ୍ ପଦକ ତାଲିକାର ଦ୍ୱିତୀୟ ସ୍ଥାନ ହାସଲ କରିଛି ।
- ରିଓ ଡି ଜେନିରୋରେ ୨୦୫ ଜାତୀୟ ଅଲିମ୍ପିକ୍ସ କମିଟି ଭାଗ ନେଇଥିଲେ । ଏମାନଙ୍କ ବ୍ୟତୀତ ଏକ ୧୦ ଜଣିଆ ଶରଣାର୍ଥୀ ଦଳ ପ୍ରଥମ ଥର ପାଇଁ ଅଲିମ୍ପିକ୍ସରେ ଭାଗ ନେଇଥିଲେ ।
- କସୋଭୋ ଓ ଦକ୍ଷିଣ ସୁଦାନ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରିଥିଲେ ।
- ରିଓ ଅଲିମ୍ପିକ୍ସରେ ମୋଟ ୧୧,୩୦୩ ଜଣ ଆଥଲେଟ୍ ଭାଗ ନେଇଥିଲେ । ଏମାନଙ୍କ ମଧ୍ୟରେ ୪୫% ମହିଳା ଆଥଲେଟ୍ ରହିଥିଲେ ।
- ଆମେରିକାର ପ୍ରସିଦ୍ଧ ସ୍ୱିମର ମାଇକେଲ୍ ଫେଲ୍‌ପ୍ସ ୫ ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ମୋଟ ୬ ଟି ପଦକ ହାସଲ କରିଥିଲେ । ଅଲିମ୍ପିକ୍ସ ଇତିହାସରେ ସେ ସର୍ବାଧିକ ୨୩ ଟି ସ୍ୱର୍ଣ୍ଣ ପଦକ ଜିତିବାରେ ଇତିହାସ ରଚିଥିଲେ ।
- ସର୍ବକାଳୀନ ଶ୍ରେଷ୍ଠ ଆଥ୍‌ଲେଟମାନଙ୍କ ମଧ୍ୟରେ ନିଜର ସ୍ଥାନ ସୁରକ୍ଷିତ ରଖିଥିବା ଜାମାଇକାର ଧାବକ ୟୁସେନ୍ ବୋଲ୍ଟ ୩ ଟି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ । ବିଶ୍ୱର ପ୍ରଥମ ଆଥଲେଟ ଭାବେ ସେ କ୍ରମାଗତ ୩ ଟି ଅଲିମ୍ପିକ୍ସରେ ୩ ଟି ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ରେକର୍ଡ ସ୍ଥାପନ କରିଥିଲେ ।

## କିଡ଼ନୀ ଷ୍ଟୋନକୁ ଦୂର କରେ କମଳା

କମଳା ଖାଇବାକୁ କିଏ ବା ଭଲ ନ ପାଏ । କମଳା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଏ, ବି ଓ ସି କ୍ୟାଲସିୟମ, ମ୍ୟାଗ୍ନେସିୟମ, ପୋଟାସିୟମ, ଫସଫରସ ଆଦି ପୋଷକ ତତ୍ତ୍ୱ ରହିଛି ।



ତ୍ୱଚାକୁ ସୁନ୍ଦର କରେ: କମଳାରେ ଗଚ୍ଛିତ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ ସୁନ୍ଦର କରିଥାଏ । ଏଥିରେ ଥିବା ଭିଟା କ୍ୟାରୋଟିନ୍ ଗୁଣ ତ୍ୱଚା ଶୁଷ୍କତାକୁ ଦୂର କରିବା ସହିତ ତ୍ୱଚାକୁ କୋମଳ କରିଥାଏ ।

କୋଲେଷ୍ଟ୍ରଲ କମ୍: କମଳାରେ ଥିବା ଫାଇବର ଶରୀରରେ କୋଲେଷ୍ଟ୍ରଲ ଦୂର କରିବାରେ ସହାୟକ ହୋଇଥାଏ । କୋଲେଷ୍ଟ୍ରଲ କମ କରିବା ସହିତ ରକ୍ତଚାପ ଆଶଙ୍କା ଦୂର କରିଥାଏ ।

ଅର୍ଥ୍ରାଇଟିସ୍ ଦୂରକରେ: ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତଥା ଭିଟାମିନ୍ 'ସି'ର ଏକ ଉତ୍ତମ ସ୍ରୋତ ରହିଥିବା କାରଣରୁ ରୁମଟାଇଡ୍ ଓ ଆର୍ଥ୍ରାଇଟିସ୍ ତଥା ଆଣ୍ଠୁ ଗଣ୍ଠି ଯନ୍ତ୍ରଣାକୁ ଦୂର କରିଥାଏ ।

କିଡନୀ ଷ୍ଟୋନ ଦୂର: କମଳାରେ ଥିବା ଭିଟାମିନ୍ 'ସି' କିଡନୀକୁ ସୁସ୍ଥ ରଖିଥାଏ । ଏହା ମୂତ୍ରରେ ସାଇଟ୍ରେଟ୍ ସ୍ତର ବଢ଼ାଇବା ସହିତ କିଡନୀରେ ପଥୁରୀ ହେବାକୁ ଦିଏ ନାହିଁ ।

କ୍ୟାନସର ଦୂର କରେ: ଏଥିରେ ଥିବା ଜେକ୍ସାଥିନ ଓ କ୍ୟାରୋଟିନୋଇଡ୍ ଶରୀରରେ ବିଭିନ୍ନ ପ୍ରକାର କ୍ୟାନସର କୋଷିକାକୁ ବଢ଼ିବାକୁ ଦିଏ ନାହିଁ । କମଳାରେ ଥିବା ଯୌଗିକ ଲିମୋନୋଇଡସ ଯାହାକି ମୁଖ କର୍କଟ, ସ୍ତନ କର୍କଟ, ଫୁସଫୁସ୍ କର୍କଟ, ତ୍ୱଚା କର୍କଟ, ପେଟ ତଥା ବୃହଦାନ୍ତ କ୍ୟାନସରକୁ ରୋକିବାରେ ସହାୟକ ହୋଇଥାଏ ।

## ଉଚ୍ଚରକ୍ତଚାପ ନିୟନ୍ତ୍ରଣ ରଖୁଥିବା ଡାଏଟ୍

ଉଚ୍ଚରକ୍ତ ଚାପ ସମସ୍ୟା ଆଜିକାଲି ଅଧିକାଂଶ ଲୋକଙ୍କର ମୁଖ୍ୟ ରୋଗ ସାଜିଛି । ଆଜିର ଧାଁ ଧପଡ଼ ଜୀବନ ଶୈଳୀ ଓ ପରିବର୍ତ୍ତିତ ଖାଦ୍ୟପେୟ ଓ ଚିନ୍ତା ଯୋଗୁଁ ଏହି ସମସ୍ୟା ବଢ଼ିଚାଲିଛି । ତେବେ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରୁଥିବା କିଛି ପନିପରିବାକୁ ନିୟମିତ ଖାଦ୍ୟରେ ଗ୍ରହଣ କରିବା ଫଳରେ ଉଚ୍ଚରକ୍ତ ଚାପକୁ ନିୟନ୍ତ୍ରଣ କରିହେବ ।



ରସୁଣ: ପ୍ରତିଦିନ ଖାଦ୍ୟରେ ରସୁଣ ସାମିଲ କରନ୍ତୁ । ରସୁଣ ଶରୀରରେ ନାଇଟ୍ରିକ୍ ଅକ୍ସାଇଡ୍ ମାତ୍ରା ବଢ଼ାଇଥାଏ ଏହା ରକ୍ତଚାପ କମ୍ କରିଥାଏ, ଫଳରେ ବ୍ଲଡ ପ୍ରେସର ନିୟନ୍ତ୍ରଣରେ ରହିଥାଏ ।

ପାଳଙ୍ଗ: ପାଳଙ୍ଗରେ ଆଇରନ ଓ କ୍ୟାଲସିୟମ୍ ଭରପୁର ମାତ୍ରାରେ ରହିଛି । ପାଳଙ୍ଗ ଖାଇବା ଫଳରେ ହାଇବ୍ଲଡ ପ୍ରେସର ରୋଗୀଙ୍କ ପାଇଁ ଖୁବ ଫଳପ୍ରଦ ହୋଇଥାଏ ।

କନ୍ଦମୂଳ: ଏଥିରେ ବୀଟା କାରୋଟିନ୍, କ୍ୟାଲସିୟମ୍ ରହିଥାଏ ଏହା ସ୍ୱାଦ ସହିତ ମସ୍ତିଷ୍କକୁ ଶାନ୍ତ ରଖିଥାଏ । ଫଳରେ ଚାପ କମ୍ ହୋଇଥାଏ । ଚାପ କମ ହେବାରୁ ବିପି ବଢ଼ି ନ ଥାଏ ।

ଆଳୁ: ଆଳୁକୁ ଚୋପା ସହିତ ସିଝାଇ ଏଥିରେ ଲୁଣର ମାତ୍ରା କମ୍ କରି ବିପି ରୋଗୀ ଖାଇବା ଉଚିତ । ଆଳୁରେ ଥିବା ପଟାସିୟମ ଓ ମ୍ୟାଗ୍ନେସିୟମ ରକ୍ତ ଚାପକୁ ନିର୍ମାଲ ରଖିବାରେ ସହାୟକ ହୁଏ ।

ବିଟ୍: ରକ୍ତ ଚାପ ରୋଗୀ ନିୟମିତ ଖାଦ୍ୟରେ ଲାଲ ଶଲଗମକୁ ବ୍ୟବହାର କରିବା ଉଚିତ । ଲାଲ ବିଟରେ ନାଇଟ୍ରିକ୍ ଅକ୍ସାଇଡ୍ ନାମକ ପଦାର୍ଥ ରହିଥିବା ହେତୁ ଏହା ରକ୍ତକୋଷକୁ ଖୋଲିଦିଏ ଫଳରେ ଶରୀର ରକ୍ତ ସଂଚାର ସଠିକ୍ ଭାବରେ ହୋଇଥାଏ ।

## କହିପାରିବେ କି ?

(୧) ଅଲ ଓ୍ୱାର୍ଲଡ୍‌କପ୍ ଫାଇନାଲରେ କେଉଁ କ୍ରିକେଟର ଖେଳାଳୀ ଏବଂ ଆମ୍ପାୟାର ଭାବେ ସାମିଲ ହୋଇଥିଲେ ?

(୨) ନୂଆ ସୁପ୍ରିମକୋର୍ଟ ଜଜ୍ ଇନ୍ଦୁ ମାଲହୋତ୍ରାଙ୍କ ସ୍ୱତନ୍ତ୍ରତା କ'ଣ ?

(୩) କେଉଁ ଭାରତୀୟ ଫିଲ୍ମ ଷ୍ଟାରଙ୍କୁ ପ୍ରିନ୍ସ ଓ୍ୱିଲିୟମ୍ ଏବଂ ମେଘା ମର୍କେଲଙ୍କ ବିବାହକୁ ଆମନ୍ତ୍ରଣ କରାଯାଇଥିଲା ?

(୪) ନିକଟରେ କେଉଁ ରାଜନେତା ତଥା ଟୁଇଟର ସେଲିବ୍ରିଟି ମହାବୀର ଜୟନ୍ତୀରେ ଗୌତମବୁଦ୍ଧଙ୍କ ଫଟୋ ପୋଷ୍ଟ କରିଥିଲେ ?

(୫) କୋଷୋବୋ କିଛିବର୍ଷ ପୂର୍ବରୁ କେଉଁ ଦେଶକୁ ସ୍ୱାଧୀନତା ଘୋଷଣା କରିଥିଲା ?

(୬) ସିଙ୍ଗିଲ୍ ରନ୍‌ନେବାକୁ ଦେଇ ନଥିବା କେଉଁ ଭାରତୀୟ ବୋଲର ଟେଷ୍ଟ କ୍ରିକେଟରେ ୨୧.୫ ଓଭର ବୋଲିଂ କରିଛନ୍ତି ?

(୭) ଇରାନୀ ଟ୍ରଫିରେ ଓ୍ୱାସିମ୍ ଜାଫର୍ କେଉଁ ମହାନ୍ ଖେଳାଳୀଙ୍କ ରେକର୍ଡ ଭାଙ୍ଗିଛନ୍ତି ?

(୮) ପଦାର୍ଥ ବିଜ୍ଞାନୀ ୪ ଷ୍ଟିଫେନ୍ ହକିଙ୍ଗ୍ ଥିବା ପଦବୀ କେଉଁ ପ୍ରସିଦ୍ଧ ବୈଜ୍ଞାନିକଙ୍କ ପାଇଁ ସୃଷ୍ଟି କରାଯାଇଥିଲା ?

(୯) କେବେ ଅଲିମ୍ପିକ୍ସରେ କ୍ରିକେଟ ଖେଳା ଯାଇଥିଲା ?

(୧୦) ଶିବାଜୀ ରାଓ ଗାଇକ୍ୱାଡଙ୍କ ପ୍ରକୃତ ନାମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) TETEH | = | 6) ALDBN | = |
| 2) LOYHL | = | 7) GHYILH | = |
| 3) CHIPCU | = | 8) MDGAAE | = |
| 4) JNCIET | = | 9) VANIA | = |
| 5) LOHEW | = | 10) ZALEB | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଚୌଧୁରୀ ରେହମତ୍ ଅଲ୍ଲୀ, ୨. ରାଫଲେସିଆ ଆରନୋଡି, ୩. ବାହାଦୁର ଶାହା ଜାଫର, ୪. ଧନରାଜ ପିଲାୟ, ୫. ସୁନିଲ ଭାଲସନ୍, ୬. କ୍ୟୁଁ କି ସାଶ୍ ଭି କଭି ବହୁ ଥି, ୭. ମେଘାଳୟ, ୮.ବ୍ରେଣ୍ଡନ ମ୍ୟାକକୁଲମ୍, ୯.ଗହୀରମଥା ବିଚ୍, ୧୦. ରବର୍ଟ ଡାଉନି ଜୁ ।

***Jumble Words* ର ଉତ୍ତର :-**

(1) CURLY (2) FURRY (3) SORROW (4) GASKET (5) TRUTH (6) CREST (7) ROOKIE (8) PLIGHT (9) GUESS (10) TEMPO

ସ୍ୱୀକାର



# ପଶ୍ଚିମ ଓଡ଼ିଶାରେ 'ସମ୍ବଲପୁରୀ ଦିନ୍'ର ଜମକ୍





ସମ୍ବଲପୁର : ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ 'ସମ୍ବଲପୁରୀ ଦିନ୍' ପାଳିତ ହୋଇଯାଇଛି । ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଭାଷା ସାହିତ୍ୟ, ସଂସ୍କୃତି ଓ ପରମ୍ପରାରର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମତିଥିରେ ସମ୍ବଲପୁରୀ ଦିନ୍ ପାଳନ କରାଯାଉଛି । ପ୍ରତିକୂଳ ପାଗ ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଗୁରୁ ସ୍ୱର୍ଗତ ବହିଦାରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ସମ୍ବଲପୁର ଜିଲା ସମେତ ଝାରସୁଗୁଡ଼ା, ବରଗଡ଼, ସୋନପୁର, ବୌଦ୍ଧ, ସୁନ୍ଦରଗଡ଼ ଆଦି ଜିଲାର ସଦର ମହକୁମା ସହିତ ବ୍ଲକ ଓ ପଞ୍ଚାୟତ ଅଞ୍ଚଳରେ ଏହା ପାଳିତ ହୋଇଯାଇଛି । ପଶ୍ଚିମାଞ୍ଚଳବାସୀ ସ୍ୱତଃପ୍ରବୃତ୍ତ ଭାବେ ସମ୍ବଲପୁରୀ ପୋଷାକ ପରିଧାନ କରିଥିବାବେଳେ କେତେକ ଜିଲା ପ୍ରଶାସନ ଏନେଇ ବିଜ୍ଞପ୍ତି ଜାରି କରି ସରକାରୀ କର୍ମଚାରୀମାନଙ୍କୁ ସମ୍ବଲପୁରୀ ପିନ୍ଧିବାକୁ ଅନୁରୋଧ କରିଥିଲେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପହେଚାନ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ 'ସମ୍ବଲପୁରୀ ଦିନ୍' ଅବସରରେ ' ରାଜ୍ୟବାସୀଙ୍କୁ ଆଭାସୀ ବାର୍ତ୍ତା ଜରିଆରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ସମ୍ବଲପୁରୀ ଦିବସ ଅବସରରେ ପାର୍ଲାମେଣ୍ଟରେ ସମ୍ବଲପୁରୀ ବସ୍ତ୍ରର ଝଲକ ଦେଖିବାକୁ ମିଳିଥିଲା । ସମ୍ବଲପୁରୀ ପୋଷାକ ପରିଧାନକରି ସଂସଦ କାର୍ଯ୍ୟରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ, କେନ୍ଦ୍ରମନ୍ତ୍ରୀ ଏସ୍.ଜୟଶଙ୍କରଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦେଖିବାକୁ ମିଳିଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରୀ ଦିବସ ଅବସରରେ ସେହି ଅଞ୍ଚଳର ବସ୍ତ୍ର ପରିଧାନ କରିବା ସହ ଓଡ଼ିଶାର ସଂସ୍କୃତି ପ୍ରତି ସମ୍ମାନ ଜଣାଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଅନ୍ୟପଟେ ଏକ ଭିଡିଓ ବାର୍ତ୍ତା ଜରିଆରେ ସମ୍ବଲପୁରୀ ଦିନର ଶୁଭେଚ୍ଛା ଜଣାଇବା ସହ ବିଶିଷ୍ଟ ସାହିତ୍ୟିକ ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନ୍ମଦିନରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସମ୍ବଲପୁର୍ ଅଞ୍ଚଳର ଅନନ୍ୟ ସଂସ୍କୃତିକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର କରିବା ପାଇଁ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି ।

ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ସ୍ଥାନରେ ସାହିତ୍ୟ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଏହି ଦିବସକୁ ଭବ୍ୟ ଭାବରେ ପାଳନ କରାଯାଉଛି ।

ଗୁରୁଶ୍ରୀ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ତଥା ସାଧକ ଓ କଳାକାରଙ୍କୁ ଏକଜୁଟ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ । ତାଙ୍କ ଜନ୍ମ ଶତବାର୍ଷିକୀ ପରଠାରୁ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକତ୍ୱରେ 'ସମ୍ବଲପୁରୀ ଦିନ' ପାଳନ କରାଯାଉଛି । ୨୦୧୩ ମସିହାରେ ଏହା ସମ୍ବଲପୁରରୁ ପାଳନ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ରାଜ୍ୟ ତଥା ଦେଶବିଦେଶରେ ପାଳିତ ହେଉଛି । ସମ୍ବଲପୁରୀ ପ୍ରେମୀମାନେ ଆଜିର ଦିନରେ ସ୍ୱତଃପ୍ରବୃତ୍ତ ଭାବେ ସମ୍ବଲପୁରୀ ପୋଷାକ ପରିଧାନ କରିବା ସହ ସମ୍ବଲପୁରୀ ଖାଦ୍ୟପେୟ ସମ୍ବଲପୁରୀ ନାଚଗୀତ ତଥା ସମ୍ବଲପୁରୀ ସାରସ୍ୱତ ସଭାସମିତି କରି ଏହା ପାଳନ କରୁଛନ୍ତି । ଅଗଷ୍ଟ ପହିଲା ଆସିବା ପୂର୍ବରୁ ସାମାଜିକ ଗଣମାଧମରେ ସମ୍ବଲପୁରୀ ପୋଷାକ ପରିଧାନ କରି ପଶ୍ଚିମାଞ୍ଚଳବାସୀ ଫଟୋ ଅପ୍‌ଲୋଡ କରି ଅଭିନନ୍ଦନର ବାର୍ତ୍ତା ଦେଇଥାନ୍ତି । ସମ୍ବଲପୁରର ଜେଲଛକ ନିକଟରେ ସମ୍ବଲପୁରୀ ଦିନର ରାଜ୍ୟସ୍ତରୀୟ ଉତ୍ସବ ପ୍ରତିବର୍ଷ ପାଳନ କରାଯାଉଛି । କରୋନା ମହାମାରୀ କଟକଣା ଯୋଗୁଁ ଦୁଇବର୍ଷ ପାଇଁ ଏହି ଉତ୍ସବ ବାତିଲ ହୋଇ ଆଭାସି ମାଧମରେ ପାଳନ କରା ଯାଇଥିଲା ।

ଚଳିତ ବର୍ଷ ସମ୍ବଲପୁରୀ ସାହିତ୍ୟିକ ଅମୃତଲାଲ ସାହୁଙ୍କୁ 'ଗୁରୁଶ୍ରୀ ସତ୍ୟନାରାୟଣ ବହିଦାର ଜାତୀୟ ସମ୍ବଲପୁରୀ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୧୩ ମସିହାରୁ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ନୃତ୍ୟ, ଗୀତ, ସଙ୍ଗୀତ, ବାଦ୍ୟକଳା, ନାଟକ ଆଦି କ୍ଷେତ୍ରରେ ବହୁମୁଖୀ ପ୍ରତିଭାଙ୍କୁ ସମ୍ବଲପୁରରେ ରାଜ୍ୟସ୍ତରୀୟ ସମାରୋହରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଉଛି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲାକିଆ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମନ୍ତ୍ରୀ ଶ୍ରୀ ଢୋଲାକିଆ ଏକତା ମଞ୍ଚ ପକ୍ଷରୁ ଗତ ୧୧ ବର୍ଷ ଧରି ଆୟୋଜନ କରାଯାଉଥିବା 'ସମ୍ବଲପୁରୀ ଦିନ୍' ଅବସରରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସମ୍ବଲପୁରୀ ଦିନ୍ ସଂଯୋଜକ ଡଃ ପ୍ରମୋଦ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

ସମ୍ବଲପୁରୀ ଦିନ୍ ଅବସରରେ ଜେଲଖାନା ଛକ ନିକଟସ୍ଥ ମଣ୍ଡପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉତ୍ସବରେ ଯୋଗ ଦେଇଥିବା ପ୍ରାୟ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ । ଜେଲଖାନା ଛକସ୍ଥିତ ସମ୍ବଲପୁର କଳାକେନ୍ଦ୍ରରେ ସମ୍ବଲପୁରୀ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଗୁରବରା, ଲେଥା ଆଦି ବିଭିନ୍ନ ପ୍ରକାର ଖାଦ୍ୟପେୟ ସମ୍ବଲପୁରୀ ବସ୍ତ୍ର, ନାବାଳିକାଙ୍କ ବିବାହ ନିରୋଧ ସଚେତନତା ଆଦି ବିଭିନ୍ନ ଷ୍ଟଲରେ ଦ୍ୱିପହର ସମୟରେ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ୧୪ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର : ସମ୍ବଲପୁର ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷ ଶ୍ରୀ ଶୋଭାରାମ ପ୍ରଧାନଙ୍କୁ ସମ୍ବଲପୁର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରୂପେ ନିଯୁକ୍ତି ଦିଆଯାଇଛି । କୁଚିଣ୍ଡା ଅଞ୍ଚଳର ବାସିନ୍ଦା ଶ୍ରୀ ପ୍ରଧାନ ପୂର୍ବରୁ କଂଗ୍ରେସ ଟିକଟରେ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରି ପରାଜୟ ବରଣ କରିଥିଲେ । ତା'ପରେ ସେ ବିଜେଡିରେ ଯୋଗ ଦେଇଥିଲେ ।

ଅନୁଗୁଳ ଜିଲ୍ଲା ଏସ୍‌ସି ଅଧକ୍ଷ ଭାବରେ ସଦାଶିବ ନାୟକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ସେହିପରି ବାଲେଶ୍ୱରରେ ମଦନ ମୋହନ ମାଝୀ, ବଲାଙ୍ଗିରରେ ବ୍ରଜମୋହନ ବିଷୋଇ, ବୌଦ୍ଧରେ ଭଗବାନ କହଁରଙ୍କୁ ନିଯୁକ୍ତି ମିଳିଥିବା ବେଳେ ଢେଙ୍କାନାଳ ପାଇଁ ସୁରେନ୍ଦ୍ର ହେମ୍ବ୍ରମ୍, ଯାଜପୁରରେ ଲମ୍ବୋଧର ମୁଣ୍ଡା, କଳାହାଣ୍ଡିରେ ଶିବାଜୀ ମାଝୀ, ନୂଆପଡ଼ାରେ ଭଗତରାମ ମାଝୀ, ସମ୍ବଲପୁରରେ ଶୋଭାରାମ ପ୍ରଧାନ, ଦେବଗଡ଼ରେ ପାଞ୍ଜିଆ ଭୋଇ, ବରଗଡ଼ରେ ସୁଶୀଳା ଭୋଇ, ଝାରସୁଗୁଡ଼ା ପାଇଁ ମୋହନ କିଶାନ, ନୟାଗଡ଼ରେ ଜାନକୀ ଦେହୁରୀ, ଗଞ୍ଜାମରେ ବିଦ୍ୟାଧର ଜାନିଙ୍କୁ ଅଧକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି । ୨୦୧୭ ମସିହାରୁ ୯ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟକାରୀ ହୋଇଥିଲା । ପରବର୍ତ୍ତୀ ସମୟରେ ଆବଶ୍ୟକତାନୁଯାୟୀ ଆଉ ୧୪ ଜିଲ୍ଲାକୁ ଏହାକୁ ସମ୍ପ୍ରସାରିତ କରାଯାଇଥିଲା । ଏବେ ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି । ଏସ୍‌ଡିସି ଅଧୀନରେ ବିଭିନ୍ନ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ମୁଖ୍ୟମନ୍ତ୍ରୀ ୨୨୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ରାଜ୍ୟର ୮୦ ଲକ୍ଷରୁ ଅଧିକ ଜନଜାତି ଲୋକ ଏଥିରେ ସାମିଲ ହୋଇ ନିଜ କଳା ଓ ସଂସ୍କୃତିର ବିକାଶ ପାଇଁ କାମ କରିବାର ସୁଯୋଗ ପାଇବେ । ପୂର୍ବରୁ ଏସ୍‌ଡିସିରେ ସାମିଲ ଥିବା ୯ ଜିଲ୍ଲାର ୧୧୭ଟି ବ୍ଲକରେ ଯୋଜନା କାର୍ଯ୍ୟକାରୀ ହେଉଥିଲା ବେଳେ ୬୪ ଲକ୍ଷ ଲୋକ ସାମିଲ ହୋଇଥିଲେ । ତେବେ ଏଥିରେ ଆଉ ୧୪ ଜିଲ୍ଲା ସାମିଲ ହେବା ପରେ ସମୁଦାୟ ୧୭୨ଟି ବ୍ଲକରେ ଏହା କାର୍ଯ୍ୟକାରୀ ହେବ । ଜନଜାତି ମାନଙ୍କର କଳା ଓ ସଂସ୍କୃତିର ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି । ନୂଆ ପରିଷଦ ଗଠନ ଦ୍ୱାରା ସବୁ ଛୋଟ ଛୋଟ ବର୍ଗର ଜନଜାତି ଗୋଷ୍ଠୀ ସେମାନଙ୍କ କଳା ଓ ଐତିହ୍ୟର ସୁରକ୍ଷା ପାଇଁ ମଧ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖି ପାରିବେ । ୨୦୧୭-୧୮ ଆର୍ଥିକ ବର୍ଷରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ଦ୍ୱାରା ଜନଜାତି ବର୍ଗର ଅନନ୍ୟ ସଂସ୍କୃତିର ସୁରକ୍ଷା ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ପଦକ୍ଷେପ ନେଇଥିଲା । ଏଥିରେ ଜନଜାତି ଲୋକଙ୍କ ପବିତ୍ର ବୃକ୍ଷର ସଂରକ୍ଷଣ, ସଂସ୍କୃତି କ୍ଲବ୍ ଗଠନ, ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଆଦି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟକ୍ରମରେ ୬୦ ହଜାରରୁ ଅଧିକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହୋଇଛି । ସେହିପରି ୪୫୯୯ ଚିହ୍ନିତ ପବିତ୍ର ବୃକ୍ଷ ମଧରୁ ୪୪୯୬ଟି ବୃକ୍ଷର ସଂରକ୍ଷଣ କରାଯାଇ ଥିବା ବେଳେ ୧୫୯୨ଟି କ୍ଲବ୍ ଗଠନ କରାଯାଇଛି । ଏଥିସହ ୨୧ଟି ଭାଷାରେ ଜନଜାତି ବିଭାଷୀ ଅଭିଧାନ ଓ ତ୍ରିଭାଷୀ ପ୍ରୋଫିସିଏନ୍ସି ମୋଡ୍ୟୁଲ ପ୍ରସ୍ତୁତ କରାଯାଇ ୩୦ଟି ଜିଲ୍ଲାରେ ବଣ୍ଟନ କରାଯାଇଛି ।

## ଝାରସୁଗୁଡ଼ା ଜିଲ୍ଲାର ନୂଆଁ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା : ଝାରସୁଗୁଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରୂପେ ମୋହନ କିଶାନଙ୍କୁ ନିଯୁକ୍ତି ଦିଆଯାଇଛି । ଶ୍ରୀ କିସାନ ଲଇକେରା ବ୍ଲକର ଖଜୁରଖମନ ଗ୍ରାମର ବାସିନ୍ଦା । ପୂର୍ବରୁ ୨୦୧୪ରେ ସେ ଲଇକେରା ବ୍ଲକର ଉପାଧକ୍ଷ ଥିଲେ ।

ଏ ଅବସରରେ ତାଙ୍କୁ ବ୍ଲକ ପରିସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## ବାଲକିଶନଙ୍କ ସ୍ମୃତିରେ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର : ବାଲକିଶନ୍ ପଟ୍ଓ୍ୱାରୀଙ୍କ ସ୍ମୃତିରେ ବାଲକିଶନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିର ବିକାଶ ହସ୍ପିଟାଲ୍‌ରେ ଅନୁଷ୍ଠିତ ହୋଇଥିଲା । ଶିବିରକୁ ଆର୍‌ଏସ୍‌ଏସ୍ ପଶ୍ଚିମ ଓଡ଼ିଶା ପ୍ରମୁଖ ବିପିନ ବିହାରୀ ନନ୍ଦ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିକାଶ ଗ୍ରୁପ ଅଧକ୍ଷ ଡ. ମୁରଲୀ କ୍ରିଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ବିକାଶ ଗ୍ରୁପ ଜି. ଭାସ୍କର ରାଓ, ଅରୁଣ କୁମାର ପଟ୍ଓ୍ୱାରୀ ଏବଂ ତାଙ୍କ ପରିବାର ବର୍ଗ, ଡାକ୍ତର କାଞ୍ଚନ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦିନିକିଆ ସମ୍ବଲପୁର ଗସ୍ତ : ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ







ସମ୍ବଲପୁର : କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଦିନିକିଆ ସମ୍ବଲପୁର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶ୍ରୀ ପ୍ରଧାନ ଆଇଆଇଏମ୍‌କୁ ଯାଇ ସେଠାରେ ଚାରା ରୋପଣ କରିବା ସାଙ୍ଗକୁ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲଙ୍କ ସମେତ ସମସ୍ତ ପ୍ରାଧାପକ, ପ୍ରାଧାପିକା ତଥା କର୍ମଚାରୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ସେ ଆଇଆଇଏମ ଦ୍ୱାରା ବୁଣାକାରଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ମେଗାଜିନ୍‌ର ଉନ୍ମୋଚନ କରିଥିଲେ । ଶ୍ରୀ ପ୍ରଧାନ ହୀରାକୁଦ ଷ୍ଟେସନ ନବୀକରଣ, ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେଓ, ସମ୍ବଲପୁର ଡିଆରଏମ୍ ବିନୋଦ ସିଂ ପ୍ରମୁଖ ଯୋଗ ଦେଇଥିଲେ । ପରେ ଶ୍ରୀ ପ୍ରଧାନ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଜାତୀୟ ଶିକ୍ଷାନୀତି କନକ୍ଲେଭରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ସହ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, କୁଳସଚିବ ଡକ୍ଟର ନୃପରାଜ ସାହୁ, ସ୍ନାତକୋତ୍ତର ସମୂହ ଅଧ୍ୟକ୍ଷ ପ୍ରଫେସର ସଂଯୁକ୍ତା ଦାସ, ସୁଇଟ୍‌ର ନିର୍ଦ୍ଦେଶକ ଡକ୍ଟର ବସନ୍ତ କୁମାର ମହାନ୍ତି, ସୁଇଟ୍‌ର ଛାତ୍ର କଲ୍ୟାଣ ଡିନ୍ ଡକ୍ଟର ସୁଦର୍ଶନ ଜେନା ଏବଂ ସୁଇଟ୍‌ର ଡକ୍ଟର ନଳିନୀକାନ୍ତ ପଣ୍ଡା ଯୋଗ ଦେଇଥିଲେ ।

ସେହିପରି ଶ୍ରୀ ପ୍ରଧାନ ଆରଏସଏସର ଜଣେ ପ୍ରମୁଖ ନେତା ସ୍ୱର୍ଗତ ଶ୍ରୀନିବାସ ଅଗ୍ରୱାଲଙ୍କ ପୁଣ୍ୟତିଥି ଅବସରରେ ଆୟୋଜିତ ଏକ ଉତ୍ସବରେ ଯୋଗ ଦେଇଥିଲେ । ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଓ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମଧ ଯୋଗ ଦେଇଥିଲେ । ଏ ଅବସରରେ ଶ୍ରୀନିବାସ ଅଗ୍ରୱାଲଙ୍କ ସ୍ମୃତିରେ ପ୍ରକାଶିତ ଏକ ସ୍ମରଣୀକାକୁ ଶ୍ରୀ ପ୍ରଧାନ ଉନ୍ମୋଚନ କରିଥିଲେ । ଶ୍ରୀ ଶିବ୍ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।



ସନ୍ଧ୍ୟାରେ ଶ୍ରୀ ପ୍ରଧାନ କ୍ରୀଡ଼ାବିତ୍ ବିଶ୍ୱମ୍ଭର ବହିଦାରଙ୍କ ସ୍ମୃତିରେ ସମ୍ବଲପୁର ୟଙ୍ଗ୍ ବୟ ଏସୋସିଏସନ ଓ ସମ୍ବଲପୁର ଜିଲ୍ଲା ପାୱାର ଲିଫ୍‌ଟିଙ୍ଗ୍ ଏସୋସିଏସନର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ରାଜ୍ୟସ୍ତରୀୟ ପାୱାର ଲିଫ୍‌ଟିଙ୍ଗ୍ ଚମ୍ପିୟନସିପ୍‌ର ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅର୍ଜ୍ଜନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୁଧୀର ରଞ୍ଜନ ବହିଦାର ଓ ସୋମନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ପ୍ରତିଯୋଗିତା ଆୟୋଜନରେ ରାଜା ବରାଳ, ସୁଧୀର ପଟ୍ଟନାୟକ ପ୍ରମୁଖ ବିଶେଷ ଭୂମିକା ନିର୍ବାହ କରିଥିଲେ ।

ଏହି ସମସ୍ତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନଙ୍କ ସହ ରେଙ୍ଗାଲି ବିଧାୟକ ନାଉରୀ ନାୟକ, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାୟକ, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ, ପୂର୍ବତନ ନଗରପାଳ ଗିରିଶ ପଟେଲ ପ୍ରମୁଖ ଯୋଗ ଦେଇଥିଲେ ।

# କୁଡାଲୋଇ ନର୍ଥ ବ୍ଲକ ପାଇଁ ହୋଇଥିବା ଜନଶୁଣାଣିରେ ତୀବ୍ର ଉତ୍ତେଜନା

ଝାରସୁଗୁଡ଼ା : ଲଖନପୁର ବ୍ଲକ କୁଡାଲୋଇ ନର୍ଥ ଏ କୋଲ ବ୍ଲକ ପାଇଁ ପିପିଲିମାଲରେ ହୋଇଥିବା ଜନଶୁଣାଣିରେ ସ୍ଥାନୀୟ ଲୋକଙ୍କୁ ସେମାନଙ୍କର ମତାମତ ଦେବା ପାଇଁ ବାଧା ଦିଆଯିବାରୁ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ହୀରାକୁଦ ବନ୍ଧ ଯୋଜନା ପାଇଁ ବିସ୍ଥାପିତ ବେଲପାହାଡ, ବଞ୍ଜାରି, ଧରୁଆମୁଣ୍ଡା, କୁଡାଲୋଇ, ବରତାପର ପ୍ରାୟ ୧ ହଜାର ଲୋକ ଏଥିରେ ସାମିଲ୍ ହୋଇଥିଲେ । ଜନଶୁଣାଣିରେ ଏହି କୋଇଲାଖଣି, ଏହା ଦ୍ୱାରା ହେବାକୁ ଥିବା ସମସ୍ୟା ଓ ଲାଭ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ତେବେ ଜନଶୁଣାଣିକୁ ଆମନ୍ତ୍ରଣ କରିଥିବା ୧ କି.ମି ଭିତରେ ଜନଶୁଣାଣି ହେଉଥିବା ବେଳେ ହଜାର ହଜାର ଲୋକେ ସଭାସ୍ଥଳରେ ପହଞ୍ଚିଥିଲେ । କିନ୍ତୁ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରି ଜନ ଶୁଣାଣିରେ ଉପସ୍ଥିତ ହେବାକୁ ଲୋକଙ୍କୁ ଅନୁରୋଧ କରାଯାଇଥିବା ବେଳେ ସେଠାରେ ପହଞ୍ଚିବା ବେଳକୁ ଟେଣ୍ଟଭିତରେ ଆଉ ଜାଗା ନ ଥିଲା । ପ୍ରବେଶ ଅନୁମତି ନ ଥିଲା ତେବେ ଲୋକଙ୍କୁ କାହିଁକି ଡକାଗଲା ବୋଲି ସେମାନେ ପ୍ରଶ୍ନ କରିଥିଲେ । ସେପଟେ ସଭା ସ୍ଥଳରେ ଲୋକଙ୍କ ଠାରୁ ଅଧିକ ପୁଲିସ୍ ଓ ବାଉନ୍ସରଙ୍କ ଉପସ୍ଥିତି ବି ଦେଖିବାକୁ ମିଳିଥିଲା । ଭିତରେ ଜନଶୁଣାଣିରେ ସ୍ଥାନୀୟ ଅଞ୍ଚଳର ଧନଞ୍ଜୟ ବଡ଼ାଇ, ଶ୍ୟାମ ସୁନ୍ଦର ଶତପଥୀ, କିଶୋର ଦଲେ, ତପସ୍ୱିନୀ ମଲ୍ଲିକ, ହିମାଂଶୁ ଜେନା, ଟିକେନାଥ ଭୋଇ, ହିମାଦ୍ରୀ ପାଦନ, ବୁଲୁ ପଣ୍ଡା, ରୀନା ସୁନା, କୃଷ୍ଣଚନ୍ଦ୍ର ସେଠ ପ୍ରମୁଖ ବିଭିନ୍ନ ମତ ଉପସ୍ଥାପନ କରିଥିଲେ । ହୀରାକୁଦ ଦ୍ୱାରା ବିସ୍ଥାପିତ ପରିବାରଙ୍କୁ ପ୍ରଥମେ ୧୦ ଡେସିମିଲ୍ ଘରଡିହ, ୨ ଗୁଣ କ୍ଷତିପୂରଣ ଓ ଏମସିଏଲରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ ବୋଲି ଲୋକେ ଦାବି କରିଥିଲେ ।



୨୦୨୧ ନିଲାମରେ ଯୋଗ ଦେଇ ବେଦାନ୍ତ ଏହି ଖଣି ପାଇଥିଲା । ଏଠାରୁ ବାର୍ଷିକ ୮ ନିୟୁତ ଟନ୍ କୋଇଲା ଉତ୍ପାଦନ କରାଯିବା ପାଇଁ କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରାଳୟ ପକ୍ଷରୁ ମଧ ମଞ୍ଜୁରୀ ମିଳିଛି । ୨୩୮୫ ଏକର ଜମିରେ ହେବାକୁ ଥିବା ଏହି କୋଇଲା ଖଣିର ଅବଧି ୨ ବର୍ଷ ରହିଛି । ଖଣି ଖୋଲା ଆରମ୍ଭ ହେବା ପରେ ନିୟନ୍ତ୍ରିତ ଶବ୍ଦ ଉପରେ ଗୁରୁତ୍ୱ ଦିଆଯିବ, ବର୍ଜ୍ୟ ଜଳକୁ ବିଶୋଧନ କରାଯିବ, ଭୂତଳ ଜଳର ଗୁଣବତ୍ତା ଯେଭଳି ନଷ୍ଟ ନ ହୁଏ ସେଥିପାଇଁ ଧ୍ୟାନ ଦିଆଯିବ ବୋଲି କୁହାଯାଇଥିଲା । ଏହା ବାଦ୍ ବୃକ୍ଷରୋପଣ, ସ୍ଥାନୀୟ ଅଞ୍ଚଳର ବିକାଶକୁ ସାମାଜିକ ଦାୟିତ୍ୱବୋଧ ଯୋଜନାରେ ସାମିଲ୍ ମଧ ରାଯିବ । ଅଞ୍ଚଳର ୨୨ଟି ଅଙ୍ଗନୱାଡି କେନ୍ଦ୍ରକୁ ନନ୍ଦ ଘର ଯୋଜନାରେ ସାମିଲ କରାଯିବ ବୋଲି ଘୋଷଣା କରାଯାଇଥିଲା । ତେବେ ସେଠାରେ ଉପସ୍ଥିତ ଲୋକେ ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲେ ।

ହୋଇଥିବା ଲଖନପୁର ବ୍ଲକର ୬ଟି ଗାଁର ଲୋକଙ୍କୁ ୭୦ ବର୍ଷ ପରେ ବେଦାନ୍ତ ପାଇଁ ପୁଣି ବିସ୍ଥାପିତ ହେବାକୁ ପଡୁଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ରହିଛି । ତେବେ ଅତୀତରେ ବେଦାନ୍ତ କାରଖାନାର ବିଭିନ୍ନ ପ୍ରକଳ୍ପ ପାଇଁ ହୋଇଥିବା ଜନଶୁଣାଣୀ ଯେପରି କମ୍ପାନୀ ସପକ୍ଷରେ ଯିବ ଏଥର ମଧ କମ୍ପାନୀ କର୍ତ୍ତୃପକ୍ଷ ସେହି କୌଶଳ ଅବଲମ୍ବନ କରିଥିଲେ । ଲୋକଙ୍କର ଅସନ୍ତୋଷ ଯେପରି ଗଣମାଧମରେ ପ୍ରକାଶ ନ ପାଇବ ସେଥିପାଇଁ କମ୍ପାନୀ ତରଫରୁ ଆଗତୁରା ବ୍ୟବସ୍ଥା କରାଯାଇଥିବା ଜଣା ପଡିଛି । ଏହି କୋଇଲା ଖଣି ପାଇଁ ବିସ୍ଥାପିତ ହେବାକୁ ଥିବା ପିପିଲିମାଲ, ସ୍ଥାନୀୟ ଲୋକଙ୍କୁ ଟେଣ୍ଟ ଭିତରକୁ ଛଡ଼ା ନ ଯିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଏପରିକି ପୁଲିସ ମାଡ଼ରେ ଜଣେ ଆହତ ହୋଇଥିଲେ । ଶତାଧିକ ଲୋକଙ୍କୁ ଘଟଣା ସ୍ଥଳରୁ ପୁଲିସ୍ ଘଉଡାଇ ଦେଇଥିବା ବେଳେ ୨୬ ଜଣଙ୍କୁ ଅଟକ ରଖିଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରବୀର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜନଶୁଣାଣିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ହିରଣ୍ୟ ନାଏକ, ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବେଦାନ୍ତର ଅଧିକାରୀ ପୂର୍ଣ୍ଣେନ୍ଦୁ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ ।

ଜନଶୁଣାଣି ପାଇଁ ମିଳନ ଛକରେ ଲୋକଙ୍କ ଭିଡ଼ ଜମିଥିଲା । ମୁଖ୍ୟ ରାସ୍ତାରୁ ମାତ୍ର ୪୦୦ଟି ଚୌକି ପଡିଥିବାରୁ ତା' ଠାରୁ ଜଣେ ହେଲେ ଅଧିକ ଲୋକଙ୍କୁ ଭିତରକୁ ଛଡ଼ାଯାଇ ନ ଥିଲା । ତେଣେ ଭିତରେ ଥିବା ୪ ଶହ ଲୋକ ବିସ୍ଥାପିତ ନା ଅନ୍ୟ କେଉଁଠୁ ଅଣାଯାଇଛି ତାକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରି ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ମାତ୍ର ସେମାନଙ୍କୁ ପୁଲିସ୍ ଛାଡ଼ି ନ ଥିଲା । ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ପୁଲିସ୍ ଜନତା ମୁହାଁମୁହିଁ ହୋଇଥିଲେ । ଏହି ଧସ୍ତାଧସ୍ତି ବେଳେ ବେଲପାହାଡ଼ କଂଗ୍ରେସର ଭାସ୍କର ପଟେଲଙ୍କ ମୁହଁ ଫାଟି ରକ୍ତ ବାହାରିଥିଲା । କିଛି ଲୋକଙ୍କୁ ପୁଲିସ୍ ମିଳନ ଛକରୁ ହିଁ ଅଟକ ରଖିଥିଲା । ଯଦି ଭିତରକୁ

## ଝାରସୁଗୁଡ଼ାରେ ସମ୍ବଲପୁରୀ ଦିନ୍‌ରେ ସାମ୍ବାଦିକ ସନ୍ତୋଷ କୁମାର ମହାପାତ୍ର ସମ୍ମାନିତ

ଝାରସୁଗୁଡ଼ା: ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତି ମଞ୍ଚ ପକ୍ଷରୁ 'ସମ୍ବଲପୁରୀ ଦିନ' ପାଳିତ ହୋଇଥିଲା । ଏଥିରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ବିକାଶ ଚନ୍ଦ୍ର ସ୍ୱାଇଁ, ବିଜେପି



ନେତା ଟଙ୍କଧର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଓଏଏସ୍ ପାଇଥିବା ରାକେଶ କୁମାର ସାହୁ, ସାମାଜିକ କର୍ମୀ ପୁରୁଷୋତ୍ତମ ଟିବ୍ରେୱାଲ, ସାମ୍ବାଦିକ ସନ୍ତୋଷ କୁମାର ମହାପାତ୍ର, ତପସ୍ୱୀଲାଲ ତିୱାରୀ, ଯୋଗ ଗୁରୁ ବର୍ମାଜୀ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ନିରଞ୍ଜନ ମାଳି ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଏସିଆର ଆଇକନ' ଭାବେ ଅଭିନନ୍ଦନ ସମ୍ମାନିତ

ସମ୍ବଲପୁର: ଯୁବ କଳାକାର ଅଭିନନ୍ଦନ ତ୍ରିପାଠୀ ତାଙ୍କ ପ୍ରତିଭା, ସୃଜନଶୀଳତା ଏବଂ କଳା କ୍ଷେତ୍ରରେ ଅବଦାନ ପାଇଁ ଗ୍ଲୋବାଲ୍ ଏମ୍ପାୟାର୍ ଏବଂ ବିଜନେସନ ତରଫରୁ 'ଆଇକନ୍ ଅଫ୍ ଏସିଆ ୨୦୨୩' ସମ୍ମାନରେ



ସମ୍ମାନିତ ହୋଇଛନ୍ତି । ଏହାପୂର୍ବରୁ ସେ ଅଜନ୍ତା ଏଲୋରା ଆନ୍ତର୍ଜାତୀୟ କଳା ଗ୍ୟାଲେରୀ ତରଫରୁ ରବିନ୍ଦ୍ରନାଥ ଟେଗୋର କଳା ବିଭୂଷଣ ଆୱାର୍ଡ ଓ ହ୍ୟୁମାନ ରାଇଟ୍ସ ନୋବେଲ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି । ଆଇକନ୍ସ ଅଫ୍ ଏସିଆ ସମ୍ମାନ ପାଇଁ ଏସିଆ ମହାଦେଶର ୪୦ଟି ଦେଶରୁ ୧୫୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗୀ ଏବଂ ୧୧୦୦ରୁ ଅଧିକ କଳାକାର ଓ ଶିକ୍ଷାବିତ୍ ଅଂଶଗ୍ରହଣ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra